ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯବେକ୍ଷକ
Vol.26 . No.268 Bhubaneswar Thursday December 07 2023 | ୨୬ତମ ବର୍ଷ | ସଂଖ୍ୟା–୨୬୮ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୦୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ସାଂସଦ ପତ୍ନୀଙ୍କ ଆଗରେ ‘ମୁକ୍ତି’ ହଟାଓ ନାରା ଦେଲେ କର୍ମୀ

ଭୁବନେଶ୍ୱର,୬।୧୨(ପି.ଏନ): ସାଂସଦ ପତ୍ନୀଙ୍କ ଆଗରେ ‘ମୁକ୍ତି’ ହଟାଓ ନାରାଦେଲେ ବିଜେଡି କର୍ମୀ। ତା’ ପୁଣି ଜିଲ୍ଲା ପର୍ଯ୍ୟଟକ ସଞ୍ଜୟ ଦାସବର୍ମାଙ୍କ ଉପସ୍ଥିତିରେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ଏପରି କନ୍ଦଳ ଦେଖିବାକୁ ମିଳିଛି ଭଦ୍ରକରେ। ସାଂସଦ ମଞ୍ଜୁଲତା ମଣ୍ଡଳ ଭାଷଣ ଦେଉଥିବା ବେଳେ ‘ମୁକ୍ତି’ ହଟାଓ ନାରା ଦେବାରୁ ଅଧାରରୁ ଅଟକିଲା ସଭା।ଭଦ୍ରକ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ହେଉଛନ୍ତି ସଞ୍ଜୟ ଦାସବର୍ମା। ଗତ ଶୁକ୍ରବାର ସେ ଭଦ୍ରକ ଜିଲ୍ଲା ଗସ୍ତରେ ଯାଇଥିଲେ। ଭଦ୍ରକରୁ ସେ ବାସୁଦେବପୁର ଅଭିମୁଖେ ଯାଇଥିଲେ। ବାସୁଦେବପୁର ବିଜେଡି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ



କରାଯାଇଥିଲା। ବିଶାଳ ଶୋଭାଯାତ୍ରାରେ ତାଙ୍କୁ ପୌରପାଳିକାର ମହିଷାପଦାରେ ଆୟୋଜିତ ସଭାକୁ ପାଛୋଟି ନିଆଯାଇଥିଲା। ଯେଉଁଥିରେ ହଜାର ହଜାର ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଅଦିନିଆ ବର୍ଷାକୁ ନେଇ ଚାଷୀ ଚିନ୍ତାରେ

ନୂଆପଡ଼ା,୬।୧୨(ପି.ଏନ)ନୂଆପଡ଼ା ଜିଲ୍ଲାରେ ଏବେ ଚାଷୀଙ୍କୁ ବାତ୍ୟା ଭୟ ଘାରିଛି। ଧାନ ମଣ୍ଡିରେ ହଜାର ହଜାର ବସ୍ତା ଜିଲ୍ଲାର ବିଭିନ୍ନ ଧାନମଣ୍ଡିରେପଡ଼ିରହିଛି। ଆଜିଠାରୁ ଜିଲ୍ଲାରେ ଝିପିଝିପ ବର୍ଷା ଆରମ୍ଭ ହୋଇଥିବାବେଳେ ଅମଳ ଧାନ ବିଲରେ, ଖଳାରେ ଭିଜୁଛି। ଯୋଗାଣ ବିଭାଗର ଅବହେଳା ଯୋଗୁଁ ମଣ୍ଡିରେ ହଜାରହଜାର ବସ୍ତା ଧାନ ବିକ୍ରି ଅପେକ୍ଷାରେ ଗ୍ଛିତ ହୋଇଛି । ଗତକାଲି ସନ୍ଧ୍ୟା ସୁଦ୍ଧା ଜିଲ୍ଲାର ୩୬ଟି ମଣ୍ଡିରେ ୪୮୪ ଜଣ ଚାଷୀଙ୍କ ୪୫ ହଜାର ୫୮୭ ବାସ୍ତା ଧାନ ମଣ୍ଡିରେ ପଡ଼ିଛି । ସେଥିରୁ ଖରିଆରରୋଡ ମଣ୍ଡିରେ ୬୫ ଜଣ ଚାଷୀଙ୍କ ୬୮୦୨ ବସ୍ତା, ବେଲଟୁକୁରୀ ମଣ୍ଡିରେ ୧୪ଜଣଙ୍କ ୧୨୫୦, ମୋହରାଡ଼ିହି ମଣ୍ଡିରେ ୨୫ ଜଣଙ୍କ ୨୭୯୭, ସାହିପଲା ମଣ୍ଡିରେ ୧୨ ଜଣଙ୍କ ୧୧୦୮, କୋମନା ବ୍ଲକ ଲଖନା ମଣ୍ଡିରେ ୨୯ ଜଣଙ୍କ ୨୨୯୩, କାଣ୍ଡେତରା ମଣ୍ଡିରେ ୨୧ ଜଣଙ୍କ ୧୪୫୧, ମଖାପଦର ମଣ୍ଡିରେ ୨୧ ଜଣଙ୍କ ୨୭୩୦ ବସ୍ତା ଧାନ ମଣ୍ଡିରେ ପଡ଼ିରହିଛି ।



ରାଜସ୍ଥାନର କଂଗ୍ରେସ ରାଜ୍ୟସଭା ଏମପି ନିରଜ ଡାଙ୍ଗି ତେଲେଙ୍ଗାନାର ଭାବି ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡିଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ କରୁଛନ୍ତି

## ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଅପହରଣ ଉଦ୍ୟମ

ଧର୍ମଶାଳା,୬।୧୨(ପିଏନ୍): ସ୍କୁଲ ଯିବା ରାସ୍ତାରେ ଧର୍ମଶାଳା (ଦେଉଳିପାଳ) ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ଓମ୍ ସାଇପ୍ରସାଦ(୧୨)ଙ୍କୁ ଅପହରଣ ଓ ହତ୍ୟା ଉଦ୍ୟମ କରାଯାଇଥିବା ତାଙ୍କ ବାପା ଚୋରମୁହାଁ ଗ୍ରାମର ସାମ୍ବାଦିକ ତଥା ବିଜେପି ଯୁବନେତା ସୁଶାଂ‘ କୁମାର ବେହେରା ଆଜି ଜାରକା ପୁଲିସ୍ ବିଟ୍ ପୋଷ୍ଟରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ୍ ଘଟଣାର ତଦ‘ ଆରମ୍ଭ କରିଥିଲେ ମଧ୍ୟ ଦୁର୍ବୃତଙ୍କ ସଂପର୍କରେ କୌଣସି ସୁରାକ୍ ମିଳିନାହିଁ। ଓମ୍ ସାଇପ୍ରସାଦର ସୂଚନା ଅନୁସାରେ, ଜାରକାର ଏକ କୋଚିଂ ସେ□ରରେ ପଢ଼ିସାରି ସକାଳ ୯.୩୦ରେ ସେ ଚାଲି ଚାଲି ଆରଡ଼ି ଅଫିସ୍ ସମ୍ମୁଖ ରାସ୍ତାରେ ନିକଟସ୍ଥ ଆଦର୍ଶ ସ୍କୁଲକୁ ଯାଉଥିଲେ । ଏହି ସମୟରେ ୨ଜଣ ଅଜଣା ଯୁବକ ବାଇକ୍‌ରେ ଆସି ଓମ୍‌କୁ କୁଆଡ଼େ ଯାଉଛୁ ବୋଲି ପଚାରିଥିଲେ । ସେ ସ୍କୁଲ ଯାଉଛି ବୋଲି କହିଥିଲା। ଆସେ ତୋତେ ସ୍କୁଲରେ ଛାଡ଼ିଦେବୁ ଯୁବକଦ୍ୱୟ କହିଥିଲେ । ଏଥିରେ ଅରାଜି ହୋଇ ଓମ୍ କହିଥିଲା ନାଁ, ମୁଁ ଚାଲିକି ଚାଲିଯିବି। ତାପରେ ଜଣେ ଯୁବକ ଏକ ରୁମାଲଦେଇ ଝାଳ ହୋଇଛି ମୁହଁ ପୋଛିଦେ ବୋଲି କହିଥିଲା । ରୁମାଲ ନ ନେବାରୁ ପଛରେ ବସିଥିବା ଯୁବକ ହଠାତ୍ ଏକ ଛୁରୀ ବାହାର କରି ଓମ୍‌କୁ ଧରିବା ପାଇଁ ଗୋଡ଼ାଇ ଥିଲା । ଓମ୍ ଛୁରୀ ଦେଖି ଜୀବନ ଭୟରେ ଶିଶୁ ଉଦ୍ୟାନ ରାସ୍ତାରେ ଦୌଡ଼ିଥିଲା। ଏହି ସମୟରେ ଏକ ଅଟୋ ଆସିଯିବାରୁ ଦୁର୍ବୃତଦ୍ୱୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଯୁବକଦ୍ୱୟ ମୁହଁରେ ରୁମାଲ ବାନ୍ଧିଥିବା ବେଳେ ମୁଣ୍ଡରେ ଟୋପି ପିନ୍ଧିଥିଲେ। ଜଣେ ନାଲି ଓ ଅନ୍ୟ ଜଣେ ଧଳା ରଙ୍ଗର ସାର୍ଟ ପିନ୍ଧିଥିଲା । ସ୍କୁଲକୁ ନଯାଇ ଭୟଭୀତ ଅବସ୍ଥାରେ ଓମ୍ ଘରକୁ ଫେରି ବାପାମା’ଙ୍କୁ ସମସ୍ତ କଥା କହିଥିଲା। ପୁଅଠାରୁ ସବୁକଥା ବୁଝିବାପରେ ସୁଶାଂ‘ ବିଟ୍ ପୋଷ୍ଟ୍ ପୁଲିସ୍‌କୁ ଘଟଣା ସଂପର୍କରେ ଅବଗତ କରିଛନ୍ତି। ଜାରକା ଅଂଚଳରେ ଏହା ପ୍ରଥମ ଘଟଣା ହୋଇଥିବା ବେଳେ ଅଭିଭାବକମାନେ ପିଲାମାନଙ୍କୁ ଏକୁଟିଆ ସ୍କୁଲ ଛାଡ଼ିବାକୁ ନିରାପଦ ମଣୁନାହାଁନ୍ତି ।

# ଅଦିନିଆ ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ

ଧର୍ମଶାଳା,୬।୧୨(ପିଏନ୍): ମିଗଜୋମ୍ ବାତ୍ୟା ପ୍ରଭାବରେ ଧର୍ମଶାଳା ବ୍ଲକ୍ ଅଂଚଳରେ କୋହଲା ପବନ ସାଙ୍ଗକୁ ଝିପ୍ ଝିପ୍ ବର୍ଷା ଲାଗି ରହିଛି । ସଂଧ୍ୟା ପରଠାରୁ ବର୍ଷା ବଢ଼ିବାରେ ଲାଗିଲାଣି। ଏହି ଅଦିନିଆ ବର୍ଷା ପାଚିଲା ଧାନ ନଷ୍ଟ କରିବା ସହିତ ପରିବା ଫସଲକୁ ପ୍ରଭାବିତ କରିଛି । କଟା ହୋଇନଥିବା ଅଧିକାଂଶ ଧାନଗଛ ଶୋଇ ଗଲାଣି । ଏବେ ଧାନ ଅମଳ ସମୟ। ବର୍ଷା ଆଶଙ୍କା ଥିବାରୁ କେତେକ ଚାଷୀ ତରବରିଆ ଭାବେ ଜମିରୁ ଧାନ କାଟି ପକାଇଥିଲେ। କିଛି ଧାନ କଟା ହୋଇ ଜମିରେ ପଡ଼ିଥିବା ବେଳେ ଆଉ କିଛି ଧାନକୁ ଚାଷୀ ଆଣି ଖଳାରେ ରଖିଛି। ବର୍ଷା ଲାଗି ରହିଲେ ଧାନସବୁ ଗଜା ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି । ସେମିତି ମେସିନ୍ ଦ୍ୱାରା କିଛି ଧାନ ଅମଳ ହୋଇଥିଲେ ମଧ୍ୟ ତାହା କଂଚା ରହିଛି । ଖରା ହେଉନଥିବାରୁ ତାକୁ ଶୁଖାଇ ହେଉନାହିଁ । ଫଳରେ ଏହା ଗମିଯାଇ ନଷ୍ଟ ହେବାକୁ ବସିଛି । ଚଳିତବର୍ଷ ଧର୍ମଶାଳା ବ୍ଲକ୍‌ରେ ପ୍ରାୟ ୧୦ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଲଗାଣ ବର୍ଷା ସହିତ



ବନ୍ୟା ହେବାରୁ ବ୍ରାହ୍ମଣୀ, କେଲୁଅ, କୁଆଁରିଆ ଓ ଗେଙ୍ଗୁଟି ନଦୀ ତଟବର୍ତୀ ଅଂଚଳରେ ଧାନ ଓ ପରିବା ଫସଲହାନୀ ହୋଇଥିଲା । ବନ୍ୟାଜଳ କମିବା ପରେ ଚାଷୀ ପୁଣି ଜମିରେ ତଳିରୋଇ ଧାନ ଫସଲ କରିଥିଲା । ସେପ୍ଟେମ୍ବର ମାସରେ ବର୍ଷାରେ ଅନିୟମିତତା ଓ କେନାଲରେ ଠିକ୍ ଭାବେ ପାଣି ନଆସିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା । ନିଜସ୍ୱ ଉଦ୍ୟମରେ ପାଣି ମୋଟର ଲଗାଇ ବହୁ କଷ୍ଟରେ ଚାଷୀ ଧାନ ଗଛକୁ ବଂଚାଇ ରଖିଥିଲା । ବନ୍ୟା ଓ ମରୁଡ଼ି କବଳରୁ ନିଜ ଫସଲକୁ ବହୁ କଷ୍ଟରେ ବଂଚାଇ ରଖିଥିବା ବେଳେ ଏବେ ଅମଳ ସମୟରେ ବର୍ଷା ଦାଉ ସାଜୁଛି । ଋଣ ଓ ଧାରକରଜ କରି ଧାନ ଚାଷ କରିଥିବା ବେଳେ ବର୍ଷକର ଦାନା ଉଜୁଡ଼ି ଯିବାକୁ ବସିଛି । ଏହାକୁ କିପରି ସୁରକ୍ଷିତ ରଖିବ ଏନେଇ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି । ସେହିପରି ଏହି ବର୍ଷାରେ ପ୍ରାୟ ୨ହଜାର ହେକ୍ଟର ଜମିରେ ହୋଇଥିବା ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି । ଏକାଧିକ ଦିନ ଧରି ବର୍ଷା ଲାଗି ରହିଲେ କୋବି, ପୋଟଳ, କଲରା, ବାଇଗଣ, ଟମାଟୋ, ଝୁଡ଼ଙ୍ଗ ଆଦି ପରିବା ଫସଲ ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ବିଶେଷ କରି ଏହି ଅଦିନିଆ ବର୍ଷାରେ ଫୁଲକୋବି ଫସଲ ଅଧିକ କ୍ଷତିଗ୍ରସ୍ତ ହେବ ବୋଲି କୃଷକ ବନମାଳି ରାଉତ ସୂଚନା ଦେଇଛନ୍ତି । ଏପରିକି ବର୍ଷା ଛାଡ଼ିଗଲା ପରେ ମଧ୍ୟ ବିଭିନ୍ନ ପରିବା ଫସଲରେ ଅଧିକ ପୋକ ଲାଗିଯାଇ ଫସଲ ନଷ୍ଟ କରିବ। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କୃଷକନେତା ବସ‘ କୁମାର ପରିଡ଼ା ଦାବି କରିଛନ୍ତି ।

## ଉତ୍କଳର ଦୁଇବରପୁତ୍ର ସହିଦ ଜୟୀ ରାଜଗୁରୁ ଓ ପଦ୍ମଭୂଷଣ ରାଧାନାଥଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

କଟକ ,୬।୧୨(ପି.ଏନ): ଉତ୍କଳର ଦୁଇବରପୁତ୍ର ପ୍ରଥମ ସହିଦ ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ପୁଣ୍ୟତିଥି ଓ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ ଓ ନୈନିକ ସମାଜର ସମ୍ପାଦକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜନ୍ମଜୟନ୍ତୀ ମର୍କତନଗରସ୍ଥିତ ଜୟପ୍ରକାଶ ନାରାୟଣ ପାର୍କ ମୁଖ୍ୟଫାଟକ ସମୁଖରେ ପାଳିତ ହୋଇଯାଇଛି ! ଓଡ଼ିଆ ଭାଷା–ସାହିତ୍ୟ–ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ଓ ଓଡିଶା ନବନିର୍ମାଣ ବିକାଶମଞ୍ଚ ପକ୍ଷରୁ ମିଳିତ ଭାବେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ତଥା ଆଇନଜୀବି ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସ ସଭାପତିତ୍ୱ କରିଥିଲେ !

## ବି ଆର ଆମ୍ବେଦକରଙ୍କ ୬୭ ତମ ମହାପରି ନିର୍ବାଣ ଦିବସ ପାଳିତ

ଫୁଲବାଣୀ,୬।୧୨(ପି.ଏନ): କନ୍ଧମାଳ ଜିଲ୍ଲାର ଜାଗ୍ରତ କନ୍ଧମାଳ ଓଡିଶା ପକ୍ଷରୁ ବାବା ସାହେବ ବିଶ୍ୱରତ୍ନ ଡ଼ଃ ବି ଆର ଆମ୍ବେଦକରଙ୍କ ୬୭ ତମ ମହାପରି ନିର୍ବାଣ ଦିବସ ମହାସମାରୋହ ରେ ପାଳନ କରାଯାଇଥିଲା କ୍ଷ ସକାଳ ଆଠଟାରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ବାବାସାହେବଙ୍କ ଏକ ତୈଳ ଫୋଟ ଚିତ୍ର ରଖାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ଫୋଟରେ ପୁଷ୍ପ ମାଲ୍ୟାର୍ପଣ ଓ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କ୍ଷ ଅନ୍ୟତମ ଅତିଥି ରୂପେ ସହକାରୀ ଜିଲ୍ଲାପାଳ ବିବେକାନନ୍ଦ ସାମଲ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ମୁଖ୍ୟଚିକସ୍ା ବିଭାଗ କନ୍ଧମାଳ,ଆଡମିନିଷ୍ଟ୍ରିଟିଭ ଅଧିକାରୀ ବିଚାର ବିଭାଗ ସୁଜନ ବେହେରା, ବରିଷ୍ଠ ନାଗରିକ ସଙ୍ଘ ଫୁଲବାଣୀ ସମ୍ପାଦକ ପଦ୍ମଚରଣ ସାହୁ, ଉପସଭାପତି ପ୍ରଶ୍ନ ସାହାଣୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କ୍ଷ ସଂଗଠନର ସଭାପତି ଅରୁଣ ନାୟକ, ଉପଦେଷ୍ଟା ଡ଼. ସୋମନାଥ ବାଗ, ଡ଼. ସୂର୍ଯ୍ୟନାରାୟଣ ବେହେରା,ଜକୀର ଖାନ, କମିଟିର ସଦସ୍ୟ ଉମାଚରଣ ମୁଖି, ତ୍ରିନାଥ ବେହେରା, ବାଞ୍ଛାନିଧି ନାୟକ ଯୁବ ସଭାପତି ଅମ୍ବୁଜ ବେହେରା, ଅନୁସୂଚିତ ଜାତି ସଭାପତି ହୃଷୀକେଶ ବେହେରା, ସଂଖ୍ୟାଲଘୁ ସଭାପତି ବନମାଳୀ ଦିଗାଲ, ଓବିଶି ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଛାତ୍ରନେତା ଜଗନ ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଉପଦେଷ୍ଟା ହରିଶ୍ଚନ୍ଦ୍ର ମହାରଣା ମଧ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କ୍ଷ ପରେ ପୂର୍ବାହ୍ନ ଦଶଟା ବେଳେ ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଭାପତି ଅରୁଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା କ୍ଷ ଆଧୁନିକ ଭାରତ ନିର୍ମାଣରେ ବାବା ସାହେବଙ୍କ ଅବଦାନ ବିଷୟରେ ଆଲୋଚନା ହୋଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିହନ ନିଗମ ଅଧକ୍ଷ ଶ୍ରୀଯୁକ୍ତ ବିଜୟ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସହକାରୀ ଜିଲ୍ଲାପାଳ ବିବେକାନନ୍ଦ ସାମଲ, ସଂମ୍ମାନୀତ ଅତିଥିଭାବେ କନ୍ଧମାଳ କଂଗ୍ରେସ କମିଟି ପ୍ରବକ୍ତା ଘନ କୁମାର ଶବର, ପୂର୍ବତନ ଖଜୁରୀପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, କୁଇସମାଜ ସମ୍ପାଦକ ଅବନୀ ଯାନୀ, ବରିଷ୍ଠ ନାଗରିକ ସଙ୍ଘ ସମ୍ପାଦକ ପଦ୍ମଚରଣ ସାହୁ, ଦଳପତି ଖଣ୍ଡାୟତ ସମାଜ ସଭାପତି ବିଭୁତି ଭୂଷଣ ଦଳପତି, କନ୍ଧ ଗୌଡ଼ ସମାଜ ସଭାପତି ପ୍ରେମାନନ୍ଦ ମାଝୀ, ଜାଗ୍ରତ କନ୍ଧମାଳ ଓଡିଶାର ଉପଦେଷ୍ଟା ଶ୍ୱ ?ତାବନ ପୂଜାରୀ, ଆଇନ ପରାମର୍ଶଦାତା ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଅନ୍ୟତମ ଉପଦେଷ୍ଟା ସାମ୍ବାଦିକ ସୁନୀଲ ବିଶ୍ୱାଳ,ଡ଼ଃ ସୂର୍ଯ୍ୟ ନାରାୟଣ ବେହେରା ଏବଂ ବୌଦ୍ଧ ଜିଲ୍ଲା ଅନୁସୂଚିତ ଜାତି ସଭାପତି ଦଶରଥ ବେହେରା, ନୟାଗଡ ଜିଲ୍ଲା କନ୍ଧ ଗୌଡ଼ ସଭାପତି ଭଗବାନ ଭୋଇ, ଗଞ୍ଜାମ ଜିଲ୍ଲା ରୁ ଶିବରାମ ପ୍ରଧାନ, ବୌଦ୍ଧ ଜିଲ୍ଲା ଜାଗ୍ରତ କନ୍ଧମାଳ ନାରୀନେତ୍ରୀ ଚନ୍ଦ୍ରିକା ପଧାନ, କୃଷ୍ଣା ନାୟକ, କନ୍ଧମାଳ ଜିଲ୍ଲା ଯୁବ ସଭାପତି ଅମ୍ବୁଜ ବେହେରା, ଓ ଜାଗ୍ରତ କନ୍ଧମାଳର ବହୁ କାର୍ଯ୍ୟକାର୍ତ୍ତା ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟର ୫୭ଟି ସଂରକ୍ଷିତ ବିଧାନସଭା ନର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ମିଶନକୁ ତୃଣମୂଳସ୍ତରରୁ ସୁଦୃଢ଼ କରାଯିବ : ପିସିସି ସଭାପତି

ଭୁବନେଶ୍ୱର,୬।୧୨(ପି.ଏନ):ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ନେତୃତ୍ୱ ବିକାଶ ମିଶନ (ଏଲଡିଏମ)ର ସମୀକ୍ଷା ବୈଠକ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଲେ ଯେ ରାଜ୍ୟରେ ସାଧାରଣ ନିର୍ବାଚନ ଖୁବ ନିକଟରେ ଅନୁଷ୍ଠିତ ହେବ। ଓଡ଼ିଶାର ୧୪୭ ଗୋଟି ବିଧାନସଭା କ୍ଷେତ୍ର ମଧ୍ୟରୁ ୫୭ ଗୋଟି ଅନୁସୂଚିତ ଜାତି/ ଜନଜାତି ନିମ‘ ଉଦ୍ଦିଷ୍ଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ମିଶନକୁ ବୁଥ ସ୍ତର ପର୍ଯ୍ୟ‘ ନେଇ ଏହାକୁ ସୁଦୃଢ଼ କରିବାକୁ ପଡ଼ିବ। ଏଥିପାଇଁ ଆପଣମାନଙ୍କର ଚେଷ୍ଟା, ଅଙ୍ଗୀକାର ବଦ୍ଧତା ଓ କଠିନ ପରିଶ୍ରମର



ଆବଶ୍ୟକତା ରହିଛି। ମୋର ବିଶ୍ୱାସ ଏ ଦିଗରେ ଆମେ ନିଶ୍ଚିତ ସଫଳତା ଲାଭ କରିପାରିବା। ସେଥିପାଇଁ ଆଜିଠାରୁ ଆପଣମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ତୃଣମୂଳସ୍ତରରୁ କମିଟି ଗଠନ କରି ଏହାକୁ ସଂପୂର୍ଣ୍ଣ କରିବାପାଇଁ ବୈଠକରେ ଉପସ୍ଥିତ ଏଲଡିଏମର ଟିମ ଲିଡର ଓ ସହ–ଟିମଲିଡର ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଏଲଡିଏମ ଜାତୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ ମାନସ ମଲ୍ଲିକ, ଅଖିଳ ଭାରତ ମହିଳା କଂଗ୍ରେସର ସଂପାଦିକା ସସ୍ମିତା ବେହେରା,ପଛୁଆବର୍ଗର ଜାତୀୟ ସଂଯୋଜକ ରାଜକିଶୋର ବାରିକ, ପଛୁଆବର୍ଗ ରାଜ୍ୟ ଅଧକ୍ଷ ବିଜୟାନନ୍ଦ ଚାଉଳିଆ, ସଂଖ୍ୟାଲଘୁ ବିଭାଗ ଅଧକ୍ଷ ଜିଆଉଲ ହକ, ଆଲବର୍ଟ କିଣ୍ଡୋ, ଅନିମା ମି, ଅଭିଷେକ ସେଠ, ଆଶିଷ ଲେଙ୍କା, ସୁକୁମାର ପ୍ରଧାନ, ଜଗତଜୀବନ ମହାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୫୭ ନମ୍ବର ଜାତୀୟ ରାଜପଥ ପାଲଟିଛି ଦୁର୍ଘଟଣାର ଏନ୍ତୁଡ଼ି ଶାଳ

ଖୋର୍ଦ୍ଧା,୬।୧୨(ପିଏନ):ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ–ଚକାପଦା ମଧ୍ୟରେ ଦିନକୁ ଦିନ ଦୁର୍ଘଟଣା ବଢ଼ି ଚାଲିଥିବାରୁ ଏହାକୁ ଦୁର୍ବିଘଟଣାର ଏନ୍ତୁଡି ଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଜାତୀୟ ରାଜପଥର ୧୨ କିମି ଦୂରତା ମଧ୍ୟରେ ଗତ ଜାନୁଆରୀ ମାସ ଠାରୁ ଚଳିତ ନଭେମ୍ବର ମାସ ମଧ୍ୟରେ ଛୋଟ ବଡ ଦୁର୍ଘଟଣା ଘଟି ୧୭ ଜଣଙ୍କର ମୃତ୍ୟୁ ନେଇ ଥିବାବେଳେ ୧୪୧ ରୁ ଉର୍ଦ୍ଧ୍ୱ ପଥଚାରୀ ଆହତ ହୋଇଥିବାର ବାଘମାରି ଓ ବେଗୁନିଆ ଥାନାରେ ହୋଇଥିବା ଅଭିଯୋଗରୁ ସୂଚନା ମିଳିଛି । ସ୍ଥାନୀୟ ଅଞ୍ଚଳରେ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇ ଦୁର୍ଘଟଣା ରୋକିବା ପାଇଁ ରାଜପଥରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଦାବି ଜୋର ଭାବେ ଧରିଛି ।ପ୍ରକାଶ ଥାଉକି ’ସଡକ ସୁରକ୍ଷା,ଜୀବନ ରକ୍ଷା ଓ ’ଦୃତଗତି ମହାବିପତ୍ତି’ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଦୁର୍ଘଟଣାରୁ ରକ୍ଷା ପାଇଁ ସତର୍କ ସୂଚନା ବାର୍ତ୍ତା ଦିଆ ଯାଇଥିଲେ ମଧ ଫଳପ୍ରଦ ହେବାର ଦେଖିବା ପାଇଁ ମିଳୁ ନାହିଁ । ଫଳରେ ଯଥା ପୂର୍ବମ ତଥା ପରମ ଭଳି ଅନେକ ଛୋଟ ବଡ ଦୁର୍ଘଟଣା ଘଟୁଥିବାର ନଜିର ରହିଛି ।ତେବେ ଏଭଳି ଦୁର୍ଘଟଣା ପରିସ୍ଥିତିକୁ ରୋକିବା ପାଇଁ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକ ଦାବି କରିବା ସହ ରାଜପଥ ଉପରେ ଲାଗି ରହିଥିବା ଅନେକ ସମସ୍ୟାର ସମାଧାନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ୬ଟି ପ୍ରସ୍ତାବ ଖୋର୍ଦ୍ଧା ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ଥାଇ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ସେମାନଙ୍କର ପ୍ରସ୍ତାବ ଗୁଡିକ ହେଲା ଜନଗହଳି ପୂର୍ଣ୍ଣ ବେଗୁନିଆ ପୋଷ୍ଟ ଅଫିସ ଛକଠାରେ ନୈନିକ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଣେ କର୍ମଚାରୀ ନିଯୁକ୍ତି, ଜାତୀୟ ରାଜପଥ ଉପରେ ଚକାପଦା ଠାରୁ ସାରୁଅ ଛକ ପର୍ଯ୍ୟନ୍ତ ଥିବା ବଜାର ପାର୍ଶ୍ୱରେ ଦେଖାଦେଉଥିବା ବେଆଇନ ପାର୍କିଂକୁ ହଟେଇବା ପାଇଁ ପଦକ୍ଷେପ ନିଆଯାଉ। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦିଆଯାଇଥିବା ଧଳା ରଙ୍ଗର ଦାଗ ଉପରେ ରେଡିୟମ ଷ୍ଟିକରିଂ କରାଯାଉ। ବେଗୁନିଆ ବ୍ଲକ ଛକ ଠାରୁ ଗୋଡିପୋଖରୀ ପର୍ଯ୍ୟନ୍ତ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ପ୍ରତି ୩୦୦ ମିଟର ଦୁରତାରେ ୫ ଟି ପ୍ଲାଷ୍ଟିକ ହମ୍ପସ୍ ନିର୍ମାଣ କରାଯାଉ ।ଚାଳକଙ୍କ ଦୃତ ଗତିକୁ ରୋକିବା ପାଇଁ ରାଜପଥ କଡରେ ସ୍ପିଡୋ ମିଟର ଖଞ୍ଜିବା ସହ ଅନୁଧ୍ୟାନ ପାଇଁ ସିସିଟିଭି କ୍ୟାମେରା ଲଗାଇଲେ କିଛି ମାତ୍ରାରେ ଦୁର୍ଘଟଣା ହ୍ରାସ ହେବ ବୋଲି ଆକଳନ କରାଯାଇଛି ।

## ପାରାଦୀପ ବନ୍ଦର ପକ୍ଷରୁ ସମ୍ବିଧାନ ପ୍ରଣେତା ଡ଼ଃ.ବି.ଆର. ଆମ୍ବେଦକରଙ୍କ ୬୭ତମ ତିରୋଧାନ ଦିବସ ପାଳିତ

ପାରାଦୀପ,୬।୧୨(ପି.ଏନ):ପ୍ରତିବର୍ଷ ଡିସେମ୍ବର ମାସ ୬ ତାରିଖରେ ଭାରତ ବର୍ଷର ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡ଼ଃ.ଭିମରାଓ ରାମଜୀ ଆମ୍ବେଦକର (ଡ଼ଃ.ବି.ଆର. ଆମ୍ବେଦକର) ଙ୍କ ତିରୋଧାନ ଦିବସ ପାଳନ କରାଯାଇଥାଏ କ୍ଷ ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ପାରାଦୀପ ବନ୍ଦର ଅଫିସର୍ସ ଆସୋସିଏସନ ନିକଟସ୍ଥ ଆମ୍ବେଦକର ପାର୍କ ଠାରେ ଆମ୍ବେଦକରଙ୍କ ୬୭ ତମ ତିରୋଧାନ ବା ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗଦେଇ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ତୁତିଚାରଣ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ସଚିବ ଡ଼ଃ.ପି.ଏନ.ବାହେକର, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧୀ, ଟ୍ରାଫିକ ମ୍ୟାନେଜର ଜି.ଏଡିସନ ଏବଂ ବହୁ ପଦସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ପାରାଦୀପ ବନ୍ଦର ଏସସି ଓ ଏସଟି କର୍ମଚାରୀ କଲ୍ୟାଣ ସଙ୍ଘ ର କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ, ସମ୍ପାଦକ ଧ୍ରୁନ ଚନ୍ଦ୍ର ତରାଇ ଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଡ଼ଃ. ଆମ୍ବେଦକର ଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଶୁମନ ଜ୍ଞାପନ କରିଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା। ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚଳିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଡିସେମ୍ବର ୭

# ପିକା ଡିଜଅର୍ଡ଼ର


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆପଣଙ୍କ ପିଲାଟି ତାର ବୟସ ବୃଦ୍ଧି ସହ ମାଟି, ଚକଖଡ଼ି ବା ତା ହାତରେ ଯାହା ପଡୁଛି ସେ ଏହାକୁ ପାଟିରେ ପୁରାଉଛି କି ? ପ୍ରାୟତଃ ମାଟି ଖାଇବାର ଅଭ୍ୟାସକୁ ପିଲାମାନଙ୍କ ଇଟିଙ୍ଗ ଡିଜଅର୍ଡ଼ର ବା ପିକା ଡିଜଅର୍ଡ଼ର କୁହାଯାଇଥାଏ । ପ୍ରାୟତଃ ଛୋଟ ପିଲା ଓ ଗର୍ଭବତୀ ମହିଳା ମାଟି କିମ୍ବା ଚକ ଖାଇବାକୁ ଭଲ ପାଆନ୍ତି । ଶରୀରରେ ବ୍ଲଡ଼, ଆଇରନ, ଜିଙ୍କ ସମେତ ଅନ୍ୟାନ୍ୟ ପୋଷାକ ତତ୍ତ୍ୱର ଅଭାବ ଦେଖାଗଲେ ଗର୍ଭବତୀମାନେ ମଧ୍ୟ ଏପରି ବ୍ୟବହାର କରିଥାନ୍ତି । ହେଲେ ପ୍ରାୟ ସମୟ ମାଟି ଖାଇବାର ଲଗାତର ଏହି ଅଭ୍ୟାସ ଇଟିଙ୍ଗ ଡିଜଅର୍ଡ଼ର ପ୍ରମୁଖ କାରଣ ହୋଇପାରେ । ଏହି ଅଭ୍ୟାସକୁ ଡାକ୍ତରୀ ଭାଷାରେ ପିକା ଡିଜଅର୍ଡ଼ର କୁହାଯାଏ । ତେବେ ପରବର୍ତ୍ତୀ ସମୟରେ ପିଲାଟିର ପେଟ ସମସ୍ୟା ଅଧିକ ଭାବରେ ଦେଖାଦେଇଥାଏ, ଯାହାର ପ୍ରଭାବରେ ପିଲାଟିର ଶାରୀରିକ ଅଭିବୃଦ୍ଧି ବାଧକ ପ୍ରାପ୍ତ ମଧ୍ୟ ହୋଇଥାଏ ଏବଂ ତାକୁ ସଠିକ ସମୟରେ ଭୋକ ଲାଗିନଥାଏ, ଖାଦ୍ୟ ହଜମ ହୋଇନଥାଏ ଏବଂ କେତେକ କ୍ଷେତ୍ରରେ ପେଟ ମଧ୍ୟ ଫୁଲିଯାଏ । ପିକା ଡ଼ିଜଅର୍ଡ଼ର ଯୋଗୁ ପିଲାଟିର ଅନ୍ତଃନଳୀରେ କୃମି ସହ ଅନ୍ୟାନ୍ୟ ବାହାର ବ୍ୟାକ୍ଟେରିଆ ବଢ଼ିଯାଆନ୍ତି ଯାହାଫଳରେ ପିଲାଟିର ଭୋକ କମିଯାଏ ଓ ସେ ଅସହ୍ୟ ପେଟ ଯନ୍ତ୍ରଣା ସହ ପେଟ ଫୁଲିବା ମଧ୍ୟ ଦେଖାଦେଇଥାଏ । ମାଟି, ଚକ ବ୍ୟତୀତ ଏହି ରୋଗରେ ପୀଡ଼ିତ ପିଲାଟି ଘରର ଏପରି କିଛି ଜିନିଷ ଯାହାକି ତାହା ହାତପାହାନ୍ତାରେ ପଡ଼ିଥାଏ ଯଥା ଅଠା ହେଉ ବା କାଗଜପତ୍ର, ସାବୁନ ହେଉ ବା କେଶ, ପିନକଣ୍ଟା, ସିଗାରେଟ ଓ ନିଜ ନଖ ମଧ୍ୟ କାମୁଡ଼ନ୍ତି । ବିଶେଷକରି ଛଅ ବର୍ଷର ପିଲାଙ୍କ ଠାରେ ଏହି ରୋଗ ଅଧିକ ଦେଖାଦିଏ । ଏହାସହ କୌଣସି ମାନସିକ ରୋଗରେ ଆକ୍ରାନ୍ତ ଥିବା ଅଟିଜିମ ସ୍ପେକ୍ଟ୍ରମ, ସିଜୋଫ୍ରେନିଆ, ଇଣ୍ଟେଲେକ୍ଚୁଆଲ ଡିଜାବିଲିଟି ସମସ୍ୟା ଥିଲେ ସେମାନଙ୍କର ଏହି ଅଭ୍ୟାସ ମଧ୍ୟ ଦେଖାଯାଏ । ଏହାର ପ୍ରମୁଖ ଲକ୍ଷଣରେ ପିଲାଟିର ପେଟ ସାମାନ୍ୟ ଯନ୍ତ୍ରଣାରୁ ଆରମ୍ଭ ହୋଇ ପରେ ଏହି ଯନ୍ତ୍ରଣା ଅତ୍ୟଧିକ ହୋଇଥାଏ ଏବଂ ପିଲାଟି ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼େ । ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରେ, ଲଗାତାର କାଶ ହୁଏ, ପିଲାଟିର ଭୋକ କମିଯାଏ ଏବଂ ଖାଦ୍ୟ ପ୍ରତି ତାର ଏକ ପ୍ରକାର ଘୃଣା ଭାବ ଦେଖାଯାଏ । କେତେକ କ୍ଷେତ୍ରରେ ପିଲାଟିର କୁଣ୍ଡିଆ ସମସ୍ୟା ମଧ୍ୟ ଦେଖାଦିଏ । ଏହି ରୋଗ ଥିଲେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଶିଶୁରୋଗ ବିଶେଷଜ୍ଞ ଉପଯୁକ୍ତ ମନେକଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ଦରକାର ପଡ଼ିଥାଏ । ପ୍ରାଥମିକ ଅବସ୍ଥାରୁ ପିଲାଟି ଠାରେ ଏହି ରୋଗର ଲକ୍ଷଣ ପ୍ରାୟତଃ ଜଣାପଡ଼ିନଥାଏ । ତେବେ ପିଲାଟିର ରକ୍ତ ପରୀକ୍ଷା, ୟୁରିନ ପରୀକ୍ଷା, ଷ୍ଟୁଲ ପରୀକ୍ଷା ଓ ଏକ୍ସରେ ରିପୋର୍ଟକୁ ଅନୁଧ୍ୟାନ କଲାପରେ ଡାକ୍ତର ଏହାର ଚିକିତ୍ସା ଆରମ୍ଭ କରିଥାନ୍ତି । କେତେକ କ୍ଷେତ୍ରରେ ଶିଶୁରୋଗ ବିଶେଷଜ୍ଞ ପିଲାଟିକୁ ଆଇରନଯୁକ୍ତ ଫଳ ଓ ପରିବା ଖାଇବା ଲାଗି ପରାମର୍ଶ ଦେଇଥାନ୍ତି । ପିଲାଟିକୁ ଶାଗ, ଡାଲି, କଦଳୀ, କଖାରୁମଞ୍ଜି, ଆଳୁମଣ୍ଡ, ମଟର, ଅଣ୍ଡା, ତରଭୁଜ ଆଦି ଖାଇବାକୁ ଦିଅନ୍ତି । ପାଚିଲା କଦଳୀ ମଧ୍ୟ ପିଲାଟିକୁ ଦିଅନ୍ତି । ଏଥିରେ ପ୍ରଚୁର ଆଇରନ ଓ ଫାଇବର ରହିଥାଏ । ଏହା ପିଲାଟିର ପେଟ ପୂରଣ କରିବା ସହ ପେଟ ଜ୍ୱଳନ ହ୍ରାସ କରିଥାଏ ।

ପିଲାମାନେ ପିକା ଡିଜଅର୍ଡ଼ର ସମସ୍ୟାର ସମ୍ମୁଖୀନ ହେଲେ ଏହାକୁ ନେଇ ସେପରି ଭୟଭୀତ ହେବାର କୌଣସି କାରଣ ନାହିଁ । ପ୍ରାଥମିକ ଅବସ୍ଥାରୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଆରୋଗ୍ୟ ସାଧ ହୋଇପାରିବ । ଏହା ସେପରି ଏକ ବଡ଼ ରୋଗ ମଧ୍ୟ ନୁହେଁ । ତେବେ ପିଲାଟି ଆପଣଙ୍କ ଘରେ ଛୋଟ ପିଲା ଚଳପ୍ରଚଳ କରୁଥିଲେ ପିଲାଟିର ପରିବେଶକୁ ସଫାସୁତୁରା ଓ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଘରର ହାତ ପାହାନ୍ତାର ଛୋଟମୋଟ ଜିନିଷ ଏଣେତେଣେ ପକାନ୍ତୁ ନାହିଁ । ଘରେ କୌଣସି ମାଟି ଜାତୀୟ ଜିନିଷ ବା ବିଷାକ୍ତ ପଦାର୍ଥ, ପୁରୁଣା ଔଷଧ ବା କୀଟନାଶକ ଔଷଧ ବା କୌଣସି ବିଷାକ୍ତ ପଦାର୍ଥ ପିଲାଟିର ହାତ ପାହାନ୍ତାରେ ରଖନ୍ତୁ ନାହିଁ । ପିଲାଟିକୁ ଚାଲିବା ବୁଲିବା ବେଳେ ପରିବାର ଲୋକ ନିଜ ନଜରରେ ରଖନ୍ତୁ । କାରଣ ପିଲାଟି ମାଟି ବଦଳରେ କୌଣସି ବିଷାକ୍ତ ଜିନିଷର ସଂସ୍ପର୍ଶରେ ଚାଲିଆସିଲେ ଏହା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ । ପିଲାଟି ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ । ପିଲାଟି ଯେପରି ସଠିକ ସମୟରେ ଖାଇବ ଓ ବିଶ୍ରାମ ନେବ ଏହା ସହ ତାର ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିବ ସେ ଦିଗକୁ ଦେଖନ୍ତୁ । ପିଲାଟିକୁ ନିୟମିତ ବ୍ୟବଧାନରେ ଖାଇବାକୁ ଦିଅନ୍ତୁ । ହାତ ତିଆରି ଘରୋଇ ଖାଦ୍ୟ ସବୁଠାରୁ ଭଲ, ସୁଷମ ଖାଦ୍ୟ, ସବୁଜ ପନିପରିବାର, ଫଳ ତାକୁ ଦିଅନ୍ତୁ । ସିଝାପାଣି ପିଇବାକୁ ଦେବା ସହ ସେ କାରବାର କରୁଥିବା ଘର ଭିତରକୁ ଯେପରି ମୁକ୍ତ ପବନ ଓ ଆଲୋକ ଆସୁଥିବ ସେ ଦିଗକୁ ଦେଖନ୍ତୁ । ପିଲାଟିର ଶାରୀରିକ ପୋଷଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ପିଲାଟି ଭୋକିଲା ରହିଲେ ଏଣେତେଣେ ବାହାର ଜିନିଷ ପାଟିରେ ପୁରାଇବାର ଅଭ୍ୟାସ ରଖିବ ତେଣୁ ଏ କ୍ଷେତ୍ରରେ ମାଆ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ପିଲାଟିକୁ ନିୟମିତ ସମୟ ବ୍ୟବଧାନରେ ଖାଇବାକୁ ଦିଅନ୍ତୁ । ପିଲାଟିକୁ କମ ଖାଇବାକୁ ଦିଅନ୍ତୁ ନାହିଁ କିମ୍ବା ଆବଶ୍ୟକତା ଠାରୁ ଅଧିକ ଖାଇବାକୁ ମଧ୍ୟ ଦିଅନ୍ତୁ ନାହିଁ । ପିଲାଟିକୁ ସବୁବେଳେ ସଫା ସୁତୁରା ଡ୍ରେସ ପିନ୍ଧିବାକୁ ଦିଅନ୍ତୁ ଏବଂ ଫୁଟାପାଣିକୁ ଥଣ୍ଡା କରି ପିଲାକୁ ପିଇବା ପାଇଁ ଦିଅନ୍ତୁ, ବାହାରର ଡବା ଖାଦ୍ୟ ଅପେକ୍ଷା ଘରୋଇ ଖାଦ୍ୟ ତାକୁ ଦିଅନ୍ତୁ । ଘର ବାହାରେ ବାହାର ପିଲାଙ୍କ ସହ ଖୋଲାମେଲାରେ ଖେଳିବା ପାଇଁ ଛାଡୁଥିଲେ ପିଲାଟିର ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିଛି କି ନାହିଁ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ । ଇଟିଙ୍ଗ ଡିଜଅର୍ଡ଼ର ଏକ ସେପରି ବଡ଼ ରୋଗ ନୁହେଁ । ପ୍ରାଥମିକ ଅବସ୍ଥାରୁ ପିଲାଟିର ଚିକିତ୍ସା ଆରମ୍ଭ କଲେ ପିଲାଟି ଆରୋଗ୍ୟ ହୋଇପାରିବ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# ଆକୁଳ ପ୍ରାର୍ଥନା ବିପଦ ଏଡାଇଥାଏ

**ପ୍ରଦୀପ୍ତ କୁମାର ମିଶ୍ର**

ଈଶ୍ୱର ଚ଼ିନ୍ତନ ମନରେ ନୂତନ ଆହ୍ୱାନ ସୃଷ୍ଟିକରେ, ବିପଦ ହେଉ ସମ୍ପଦ ହେଉ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ମନରେ ଯେଉଁ ଦମ୍ଭ ଓ ଆତ୍ମବିଶ୍ୱାସ ଆଣିଦିଏ ତାହା ଅନନ୍ୟ ।ଅପରପକ୍ଷରେ ଯଦି ଏହି ପ୍ରାର୍ଥନା ସାମୁହିକ ହୋଇଯାଏ ଏବଂ ଆକୁଳ ନିବେଦନ ହୁଏ ଏହା ରାଷ୍ଟ୍ରପାଇଁ ମହାନିବେଷ ହୋଇଥାଏ ।ଏସମ୍ପର୍କ ରେ ରାମାୟଣ ର ଏକ ଦର୍ଶନ ସମ୍ବଳିତ କଥାକୁ ଉଦାହରଣ ଭାବରେ ନିଆଯାଇପାରେ ।ଥରେ ରାଜା ଦଶରଥଙ୍କ ସହ ତାଙ୍କର ଅନ୍ୟତମା ବିଦୁଷି ଓ ଯୁଦ୍ଧନିପୁଣା ମହାରାଣୀ କୈକେୟୀ ବନ ଭ୍ରମଣରେ ଯାଇଥିଲେ ।ଅନେକ ବାଟ ଭ୍ରମଣ କରି ଏକ ବଡ ଗଛତଳେ ଦୁହେଁ ବିଶ୍ରାମ ନେଲେ ।କ୍ଳାନ୍ତ ହୋଇପଡିଥିବା ରାଜା ଦଶରଥଙ୍କର କିଛି ସମୟ ମଧ୍ୟରେ କ୍ଳାନ୍ତି ହେତୁ ନିଦ୍ରା ଆସିଗଲା ।କୈକେୟୀ ରାଜାଙ୍କର ବିଶ୍ରାମରେ ନିଜକୁ କ୍ଳାନ୍ତି ସତ୍ତ୍ୱେ ସଜାଗ ରହି ବଣର ଜୀବିଜନ୍ତୁ ମାନଙ୍କର କଥା ଶୁଣିବାରେ ନିମଗ୍ନ ରହିଲେ ।କୈକେୟୀ ସମସ୍ତ ଜୀବମାନଙ୍କ ଭାଷାକୁ ବୁଝିପାରିବାର ଦକ୍ଷତା ଥିଲା ।ଏହିସମୟରେ ସେ ସେହି ଗଛରେ ବସାବାନ୍ଧି ରହିଥିବା ଗୋଟିଏ ଗୃଧ୍ର ଦମ୍ପତିଙ୍କର ଆବେଗ ପୂର୍ଣ୍ଣ ବର୍ତ୍ତାଳାପ ଶୁଣି ପାରିଲେ ।ସ୍ତ୍ରୀ ଗୃଧ୍ର ଗର୍ଭବତୀ ହେତୁ ମଣିଷ ମାଂସ ଖାଇବାକୁ ଇଛା କରି ସ୍ୱାମୀଙ୍କ ନିକଟରେ ଅଳି କରୁଥାନ୍ତି ।ସ୍ୱାମୀ ଗୃଧ୍ର ତାଙ୍କୁ ଆଶ୍ୱାସନା ଦେଇ କହୁଥାନ୍ତି ଅପେକ୍ଷା କର ରାଜା ଦଶରଥଙ୍କ ଶାସନରେ ଗୋଟିଏ ମହାମାରୀ ଆଗକୁ ଆସିବ ଯେଉଁଥିରେ ଅନେକ ପ୍ରଜାଙ୍କର ମୃତ୍ୟୁ ହେବ ।ଆମେ ମନଭରି ମଣିଷ ମାଂସ ଭକ୍ଷଣ କରିବାର ସୁଯୋଗ ପାଇବା ।ସ୍ତ୍ରୀ ଗୃଧ୍ର ଏସବୁକୁ ଶୁଣି କହିଲେ ସ୍ୱାମୀ ମୋର ମଣିଷ ମାଂସର ଆବଶ୍ୟକତା ନାହିଁ ବରଂ ଆମଦେଶର ରାଜା ଦଶରଥଙ୍କ ଶାସନରେ ଏପରି କଳଙ୍କ ନଲାଗୁ,ଏହାର ନିରାକରଣ କଣ ।ପୁରୁଷ ଗୃଧ୍ର କହିଲେ ଯଦି ଦଶରଥଙ୍କ ପ୍ରଜାମାନେ ରାମ ରାମ ହୋଇ ଆକୁଳ ପ୍ରାର୍ଥନା କରିବେ ତେବେ ଏହି ବିପଦ ଅବଶ୍ୟ ଟାଳିଯିବ । କୈକେୟୀ ଏସବୁ କଥୋପକଥନ ଶୁଣି ଅନେକ ଚ଼ିନ୍ତା କରି କିପରି ଏପରି ବିପଦରୁ ରାଜ୍ୟକୁ ମୁକ୍ତି କରିହେବ ତାର ନିବାରଣ ନିମିତ୍ତ ମନ୍ଥରା ସହ ବିଚ଼ାର ବିମର୍ଷ କରି ଏହାହିଁ ନିରୂପଣ କଲେ ଯେ ରାଜା ତାଙ୍କୁ ଯାଚ଼ିଥିବା ବର ପ୍ରୟୋଗ କରି ରାମଙ୍କୁ ବନବାସ ଦେଲେ ପ୍ରଜାମାନେ ସମୁହ ରାମ ରାମ ଆକୁଳ ନିବେଦନ କରିବେ, ଯାହାଦ୍ୱାରା ଦେଶରବିପତ୍ତି ହାରିଯିବ,ବରଂ ସେ ସାରାଦିନ ପାଇଁ କଳଙ୍କ ବୋଝ ନିଅନ୍ତୁ ହେଲେ ପ୍ରଜାଙ୍କର ରକ୍ଷା ହେଉ ।ଏହା ରାଜପରିବାରର ନୈତିକ କର୍ତ୍ତବ୍ୟ । ତେଣୁ ଆକୁଳ ନିବେଦନ ପୂର୍ବକ ପ୍ରାର୍ଥନା ଅନେକ ବଡ ବଡ ବିପଦକୁ ବିଧ୍ୱସ୍ତ କରିଥାଏ ଏହା ସନ୍ଦେହହୀନ ।

ଅରେଇ
ଯାଜପୁର
ମୋ: ୯୬୫୮୬୧୪୭୨୮

# ନମସ୍ତେ ନମସ୍ତେ ମା'ଗୋ କମଳା ଦୁଲଣୀ


ଅନୁପମା ଭୂୟାଁ

ମାର୍ଗଶୀର ମାସରେ ପଡୁଥିବା ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କ ଠାରୁ ବାରି ହୋଇପଡ଼େ । ଏମିତି କେଉଁଠି କରୁଣା ତ କେଉଁଠି କଠୋରତାର ସୁନ୍ଦର କାହାଣୀ, ମଣିଷର ଜୀବନ କାହାଣୀ କହେ ମାର୍ଗଶୀର ମାସ ଗୁରୁବାର ପର୍ବ । ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ଖାଣ୍ଟି ଓଡ଼ିଆ ପର୍ବ ମାର୍ଗଶୀର ଗୁରୁବାର ବା ମାଣବସା ଗୁରୁବାର ଓଷା । ମାଣବସା ଗୁରୁବାର ଓଡ଼ିଶାର ଓ ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ପର୍ବ । ଏଥିରେ ଝୋଟି, ଧାନଶିଖା, ଆଙ୍ଗୁଠି ଚିତା ଯେଭଳି ଓଡ଼ିଆଙ୍କର ନିଜସ୍ୱ, ଏଥିରେ ପିଠାପଣା, ପୂଜା ସବୁ ଓଡ଼ିଆଙ୍କର ଓଡ଼ିଆ ଜାତିର ପୂର୍ବ ସମୃଦ୍ଧି, ପୂର୍ବ ବଡ଼ିମାର ନିଦର୍ଶନ । ଏ ପୂଜାରେ ଜାତି ଅଜାତି ନାହିଁ । ବ୍ରାହ୍ମଣଠାରୁ ଚଣ୍ଡାଳ ଯାଏ ସବୁ ଓଡ଼ିଆ ଘରେ ଏ ପର୍ବ ପାଳନ କରାଯାଏ । ମହାଲକ୍ଷ୍ମୀଙ୍କର ପୂଜା ପ୍ରତ୍ୟେକ ହିନ୍ଦୁ ଘରରେ କରାଯାଏ । ମା' ମହାଲକ୍ଷ୍ମୀ ଭାରତର ଅନ୍ୟସ୍ଥାନ ମାନଙ୍କରେ କେବଳ ଧନଦାତ୍ରୀ ଦେବୀ ରୂପେ ଅଧିଷ୍ଠିତା ହେଉଥିଲେ ମଧ୍ୟ ଓଡ଼ିଶାରେ ଓଡ଼ିଆମାନଙ୍କର ମାଣବସା ଗୁରୁବାର ପୂଜା କେବଳ ଧନଧାନ୍ୟର କଥା କହେ ନାହିଁ ବରଂ ଏହାକୁ ପ୍ରାପ୍ତ କରିବା ପାଇଁ ଆବଶ୍ୟକ ହେଉଥିବା ନିଷ୍ଠାକୁ ବି ନିଖୁଣ ଭାବେ ବର୍ଣ୍ଣନା କରେ । ସାମାଜିକ ଜୀବନରେ ଜାତି ଜାତି ମଧ୍ୟରେ ଥିବା ଫରକ ଭଗବତ ଆରାଧନା ନିତକଟରେ ତୁଚ୍ଛ ବୋଲି ଏହା ପ୍ରମାଣିତ କରେ । ଖାଲି ସେତିକି ନୁହେଁ ଏହି ପର୍ବ ଅନୁଶାସନର ପରିଧି ମଧ୍ୟରୁ ମହାପ୍ରଭୁ ବି ବାଦ ନୁହଁନ୍ତି ବୋଲି ପ୍ରମାଣିତ କରେ । ଲକ୍ଷ୍ମୀ ପୂଜା ସାରା ଭାରତର ହିନ୍ଦୁ ସମାଜରେ ପ୍ରଚଳିତ । ମାଣବସା ମଧ୍ୟ ଅନ୍ୟ ଅନ୍ୟ ପ୍ରଦେଶରେ ପ୍ରଚଳିତ ଅଛି । କିନ୍ତୁ ଆମ ମାର୍ଗଶୀର ମାସ ଗୁରୁବାର ମାଣବସା, ଭଳି ଚାରି ବା ପାଞ୍ଚ□ପାଳି ମାଣବସା ଓଡ଼ିଆଙ୍କ ବ୍ୟତୀତ ଅନ୍ୟ କେଉଁଠି ହୁଏ ନାହିଁ ।

ଏହି ମାଣବସା ଭୋଗ ଆମ ଓଡ଼ିଆଙ୍କର ନିଜସ୍ୱ ରାନ୍ଧଣାର ନିଦର୍ଶନ । ଓଡ଼ିଆଙ୍କ ଭଜା, ରାଇ, ଆମ୍ବିଳ, ଶାକର, କଖାରୁ, ମଧୁରୁଚି, ଦହିପଖାଳ, ମୂଳା ଶାଗ, ରାଇ ସୋରିଷ ଶାଗ ରାଇ, ଚିତଉ, ଚକୁଳି, ଖିରିସା ପାଣି, ବିରି ଗେଟେଇ, ଅଟକାଳି, ସରପୁଳି, ଦୁଧପୁଳି, ବଡ଼ି ପକା ମହୁର, ବେସର, ନଡ଼ିଆ ବଡ଼ିପକା ଶାଗ, କର୍ପୂର ମରିଚ ପକା ଛେନା, ନଡ଼ିଆ ଚକଟା କାକରା ପିଠା, ଆରିସା ପିଠା, ମୁଗ ପୁଳି, ମୁଗ କାନ୍ତି ଏଭଳି ରାନ୍ଧଣା ଓଡ଼ିଆଙ୍କ ଘର ଛଡ଼ା ଅନ୍ୟ ଆଡ଼େ ହୁଏ ନାହିଁ । ଘରୋଇ ପରିବେଶରେ ଜଣେ ଗୃହିଣୀ ଯେପରି ରାନ୍ଧିବାଡ଼ି ଘରଦ୍ୱାର ସଫା ସୁତୁରା ରଖି ଚଳିବା କଥା, ସେଇ ପରିବେଶ ସେଇ ରୂପରେ ଲକ୍ଷ୍ମୀଙ୍କୁ କଳନା କରାଯାଇଛି । ଘରମାନଙ୍କରେ ସାମାନ୍ୟ ତ୍ରୁଟି ବିଚ୍ୟୁତି ଘଟିଲେ ବୟସ୍କା ମହିଳାମାନେ ଲକ୍ଷ୍ମୀଛାଡ଼ି ଅଲକ୍ଷଣୀ ବୋଲି ଗାଳି କରନ୍ତି ।

ତେଣୁ ଧନଧାନ୍ୟ ସ୍ନେହ ବାତ୍ସଲ୍ୟ, ଦୟା କ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇଛି । ଘରର ଶ୍ରୀ ସମୃଦ୍ଧି ପରିଷ୍କାର ପରିଚ୍ଛନ୍ନତା ହେଉଛି ଲକ୍ଷ୍ମୀବ୍ରତର ପ୍ରଧାନ ବୈଶିଷ୍ଟ । ମାର୍ଗଶୀର ମାସ ଆସିବା ମାତ୍ରେ ସହର ମଫସଲ ସର୍ବତ୍ର ସ୍ତ୍ରୀମାନଙ୍କ ଭିତରେ ଗୋଟାଏ ଚହଳ ସୃଷ୍ଟି ହୁଏ । ସହରରେ ବେଶୀ ମାଟି ଘର ନାହିଁ । ସିମେଣ୍ଟ ଘରେ ବୁଧବାର ଦିନ ଧୋଇ ପୋଛି ଚିତା ଲେଖାଯାଏ । କିନ୍ତୁ ଗାଁ ଗହଳରେ ସ୍ତ୍ରୀଲୋକମାନେ ମାଟି ଗୋବରରେ ଘରଦ୍ୱା, କାନ୍ଥବାଡ଼ ଲିପା ପୋଛା କରନ୍ତି । ଅରୁଆ ଚାଉଳ ବଟା ପିଠଉ, ଢ଼ାଉ ହଳଦିଆ ମାଟି ସଂଗ୍ରହ କରି କେତେ ରଙ୍ଗରେ ହାତି, ମୟୂର, ଓଲଟ ଶୁଆ, ଧାନଶିଖା ଜାତି ଜାତିକା ଆଙ୍ଗୁଠି ଚିତାମାନ ଲେଖନ୍ତି । ଦେଖିଲେ ଆଖି ଲାଖିରହେ । ମାର୍ଗଶୀର ମାସରେ ପଡୁଥିବା ଚାରି କି ପାଞ୍ଚ ପାଳି ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କଠାରୁ ବାରି ହୋଇପଡ଼େ । ଏଥି ସହିତ ସମାଜରେ ଏବଂ ପୁରୁଷଙ୍କ ଜୀବନରେ ନାରୀଙ୍କ ଭୂମିକା ବି ବର୍ଣ୍ଣନା କରାଯାଇଛି ଅତ୍ୟନ୍ତ ନିଛକ ଭାବେ । ଘରଣୀ ହେଉଛି ଘର । ଘରଣୀ ବିନା ଘରର କଳ୍ପନା କରାଯାଇ ପାରେ ନାହିଁ । ଏପରି କି ଘରଣୀ ବିନା ମହାପ୍ରଭୁ ଜଗନ୍ନାଥ ମଧ୍ୟ ବାର ଦୁଆର ବୁଲି ଭିକ ମାଗିବାକୁ କିଭଳି ବାଧ ହେଇଛନ୍ତି ତାହା ଏହି ପୁରାଣରେ ବର୍ଣ୍ଣନା କରାଯାଇଛି । ଜାତି, ଅଜାତି, ଗୋରା, କଳା ବର୍ଣ୍ଣ ଭେଦରେ ଯେଉଁ ସମାଜ ଆଜି ନଷ୍ଟଭ୍ରଷ୍ଟ, ଜଗନ୍ନାଥ ସଂସ୍କୃତିର ଉଚ୍ଚ ଆଦର୍ଶ ଲକ୍ଷ୍ମୀ ପୁରାଣରେ ପ୍ରକଟିତ ହୋଇଛି । ଏ ବ୍ରତରେ ଜାତି ଭେଦ ନାହିଁ । ସ୍ୱୟଂ ମହାଲକ୍ଷ୍ମୀ ବ୍ରାହ୍ମଣଠାରୁ ଚଣ୍ଡାଳଯାଏଁ ଦ୍ୱାରେ ଦ୍ୱାରେ ବୁଲିଛନ୍ତି । ଯେଉଁଠି ନିଷ୍ଠା ପବିତ୍ରତା ଦେଖିଛନ୍ତି ସେଇଠି ସନ୍ତୁଷ୍ଟ ହୋଇ ଆପେ ଯାଚି ବରଦାନ କରିଛନ୍ତି । ଅନ୍ୟ ଦୃଷ୍ଟି କୋଣରୁ ଦେଖିଲେ କର୍ତ୍ତବ୍ୟନିଷ୍ଠା ପରିଶ୍ରମ ହିଁ ଜୀବନକୁ ଯଶ, ଗୌରବ, ଧନରତ୍ନ, ଶ୍ରୀ ସମୃଦ୍ଧିରେ ମଣ୍ଡିତ କରେ ଏହି ସୂଚନା ବାଣ୍ଟେ ଓଡ଼ିଆର ମାଣବସା ଗୁରୁବାର । ମାଣବସା ଗୁରୁବାର ପୁରାଣ ଯେତିକି ଚିତାକର୍ଷକ ସେତିକ ଶିକ୍ଷଣୀୟ ।

***'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ***

# ଭ୍ରାନ୍ତି ଓ ଶାନ୍ତି : ଦିବ୍ୟ ଶାନ୍ତିର ପଥିକ


ଅଲେଖ ଚନ୍ଦ୍ର ସାମଲ

ପ୍ରତିଦିନର ଏକ ସାଧାରଣ ଜୀବନକୁ ଦେଖନ୍ତୁ । ଆମେ ଅନେକ ସମୟରେ ଶାନ୍ତିକୁ ପ୍ରାପ୍ତ କରିପାରିନଥାଉ । କାରଣ ଆମ ଭିତରେ ଭ୍ରାନ୍ତି ଏପରି ବଦ୍ଧ ଭାବେ ବିବେକକୁ କରାୟତ୍ତ କରିଥାଏ ଯେ ଆମେ ଈଶ୍ୱର ଉପଲବ୍ଧି ହୋଇ ଶାନ୍ତି ପାଇଁ ଧାବମାନ ହୋଇପାରି ନଥାଉ । ଆମେ ଜଣେ ଈଶ୍ୱରଙ୍କ ଆଶ୍ରିତ ଏବଂ ଭଗବାନଙ୍କ ସୃଷ୍ଟିରେ ଆମେ ପ୍ରତିଟି ମଣିଷ ଜଣେ ଜଣେ ଅମୃତ ସନ୍ତାନ । ଏହି ଭ୍ରାନ୍ତି ଓ ଶାନ୍ତି ପ୍ରସଙ୍ଗରେ ଭଗବାନ ଗୌତମ ବୁଦ୍ଧଙ୍କ ଆଧ୍ୟାତ୍ମିକ ଜୀବନର ଏକ ଛୋଟିଆ ଘଟଣାଟି ମନେପଡୁଛି । ଏହି ଘଟଣାଟି ଅନେକ ବର୍ଷ ତଳେ ମୁଁ ପଢ଼ିଥିବା ଏକ ଲେଖନୀ, ଯେଉଁଥିରେ ମୋତେ ଏକ ଚେତନା ପ୍ରାପ୍ତ ହୋଇଛି ଯେ ଅଶାନ୍ତମୟ ମନ ଭିତରେ ସତ୍ୟର ଉପଲବ୍ଧି ନ ରହିଲେ ଏହା ଆମ ଭିତରେ ଭ୍ରାନ୍ତି ସୃଷ୍ଟି କରି ଶାନ୍ତି ପାଇଁ ବାଧକ ହୋଇଥାଏ । ସିଦ୍ଧପ୍ରାପ୍ତ ହେବାପରେ ସିଦ୍ଧାର୍ଥ ଥରେ ଅନୁଗତ ତଥା ଶିଷ୍ୟମାନଙ୍କୁ କହିଲେ, 'ସଂସାର ପଥରେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଅନେକ ସମୟରେ ଏମିତି ହୋଇଥାଏ, ତୁମ୍ଭମାନଙ୍କ ମନରେ ଗୋଟିଏ ଭୁଲ ଧାରଣା ଯଦି ଦୃଢ଼ଭାବେ ରହିଥାଏ, ତେବେ ମନ ସତ୍ୟକୁ ତା ଭିତରକୁ ପ୍ରବେଶ କରିବାକୁ ଦିଏନାହିଁ । ସତ୍ୟ ଆଘାତପ୍ରାପ୍ତ ହୋଇ ବିଦାୟ ନେଇଯାଏ । ସତ୍ୟ ନ ରହିଲେ ଶାନ୍ତି ମନରେ ରହେନାହିଁ । ମନ ଅଶାନ୍ତ ହୋଇ ଦୁଃଖକଷ୍ଟ ପାଇଥାଏ । ନିଜର ଏ କଥାଟିକୁ ବୁଝାଇବାକୁ ଯାଇ ବୁଦ୍ଧଦେବ ଗଳ୍ପଟିଏ କହିଥିଲେ ।ଗୋଟିଏ ଜନପଦରେ ବ୍ୟବସାୟୀଟିଏ ରହୁଥିଲା । ତା'ସହିତ ତା'ର ଛୋଟ ପୁଅଟିଏ ରହୁଥିଲା । ଦିନକର କଥା । ବ୍ୟବସାୟୀ କାର୍ଯ୍ୟୋପଲକ୍ଷେ ବାହାରକୁ ଯାଇଥିଲା । ଡକାୟତମାନେ ଏ ସୁବିଧା ଉଣ୍ଡି ବ୍ୟବସାୟୀଙ୍କ ଘରେ ପହଞ୍ଚି ଲୁଟ୍ କଲାପରେ ତା' ଘରେ ନିଆଁ ଲଗାଇ ଦେଲେ ଓ ପରେ ପରେ ସାରା ଗାଁରେ ମଧ୍ୟ ନିଆଁ ଲଗାଇ ଦେଲେ । ଗାଁ ସାରା ଜଳି ପାଉଁଶ ହୋଇଗଲା । ଡକାୟତମାନେ ବ୍ୟବସାୟୀଙ୍କ ଛୋଟ ପୁଅଟିକୁ ସାଙ୍ଗରେ ନେଇ ଚାଲିଗଲେ । ବ୍ୟବସାୟୀ ଘରକୁ ଫେରି ସାରା ଗାଁ ଓ ନିଜ ଘରର ଅବସ୍ଥା ଦେଖି ମୁଣ୍ଡରେ ହାତ ଦେଇ ବସିପଡ଼ିଲା । ତା'ର ସବୁ ଉଜୁଡ଼ିଗଲା ବୋଲି ମନ ଦୁଃଖ କଲା । ନିଆଁରେ ତା'ପୁଅଟି ମଧ୍ୟ ପୋଡି ପାଉଁଶ ହୋଇଗଲା ବୋଲି ଦୃଢ଼ ନିଶ୍ଚିତ ହୋଇଗଲା । ଦିନ ଗଡ଼ି ଚାଲିଲା । କିଛିବର୍ଷ ପରେ ବ୍ୟବସାୟୀ ତା'ପୁରୁଣା ଘର ଜାଗାରେ ଗୋଟିଏ ସୁନ୍ଦର ନୂଆ ଘର କଲା । ଡକାୟତମାନେ ତା'ର ଯେଉଁ ପୁଅଟିକୁ ନେଇ ଯାଇଥିଲେ, ସେ ପୁଅଟି ଦିନେ ଡକାୟତଙ୍କ କବଳରୁ କୌଶଳକ୍ରମେ ଖସି ଆସିଲା । ଲୁଚି ଲୁଚି ଆସି ସେ ରାତି ଅଧରେ ବ୍ୟବସାୟୀର ନୂଆ ଘରେ ପହଞ୍ଚି କବାଟ ବାଡ଼େଇଲା । ମାତ୍ର ବ୍ୟବସାୟୀ କବାଟ ଖୋଲିଲାନି । ସେ ଭାବିଲା ନିଶ୍ଚୟ ଡକାୟତ ଆସିଛନ୍ତି । ପୁଅ କିନ୍ତୁ କହି ଚାଲିଥାଏ 'ବାପା, କବାଟ ଖୋଲ । ମୁଁ ତମ ପୁଅ ଆସିଛି ।' ଭିତରୁ ଉତ୍ତର ମିଳିଲା, ତୁ ଗୋଟାଏ ଡକାୟତ । ମୁଁ କେବେ କବାଟ ଖୋଲିବି ନାହିଁ । ତୁ ଏଠାରୁ ପଳା । ପୁଅ ବାରମ୍ବାର ବିକଳ ହୋଇ ବାପାକୁ ନିଜ ପରିଚୟ ଦେଇ କବାଟ ଖୋଲିବାକୁ ଯେତେ କହିଲେ ବି ବାପା କବାଟ ଖୋଲିଲାନି । ଶେଷରେ ନିରାଶ ହୋଇ ପୁଅଟି ଫେରିଗଲା ।ଗଳ୍ପଟି କହିସାରି ବୁଦ୍ଧ ଦେବ କହିଲେ ଦେଖିଲ ତ ମନରେ ଭ୍ରାନ୍ତ ଧାରଣା ବସା ବାନ୍ଧିଲେ ସତ୍ୟ ମଧ୍ୟ ଦୂରେଇ ଯାଏ ଓ ସେଇ ସତ୍ୟ ସହିତ ମନର ଶାନ୍ତି ମଧ୍ୟ ଦୂରେଇ ଯାଇଥାଏ । ତେଣୁ ମନରେ କୌଣସି ଭ୍ରାନ୍ତ ଧାରଣାକୁ ପ୍ରଶ୍ରୟ ନ ଦେବାକୁ ବୁଦ୍ଧଦେବ ସେଦିନ ଶିଷ୍ୟମାନଙ୍କୁ ଉପଦେଶ ଦେଇଥିଲେ । ପ୍ରତିଟି ଜୀବନରେ ଆମେ ଅନେକ ଜଟିଳତମ କ୍ଷେତ୍ରକୁ ଉପଲବ୍ଧି କରୁ । ନିତିଦିନିଆ ଜୀବନରେ ଅନେକ ଘଟଣା ଆମକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ । ଆମେ ଈଶ୍ୱରଙ୍କ ପ୍ରଦତ୍ତ ରାସ୍ତାରେ ଚାଲୁଥିଲେ ମଧ୍ୟ ଭଗବାନଙ୍କ ଦିବ୍ୟନାମାବଳୀ ଜପ କରୁଥିଲେ ମଧ୍ୟ ଅନେକ ଦାନ ଧର୍ମ, ତୀର୍ଥଯାତ୍ରା କରୁଥିଲେ ମଧ୍ୟ ଯଦି ଆମ୍ଭ ମାନଙ୍କ ଭିତରେ ଅଶାନ୍ତିର ଭ୍ରାନ୍ତ ଧାରଣା, କାମନା ଓ ବିଭିନ୍ନ କଳୁଷିତ ଭ୍ରାନ୍ତ ଚେତନା ଠାରୁ ଯଦି ଆମେ ମୁକ୍ତ ନ ହୋଇପାରିବା ତାହାହେଲେ ଶାନ୍ତି ଆମେ କେବେହେଲେ ଉପଲବ୍ଧି କରିପାରିବାନାହିଁ । ଶାନ୍ତି ପ୍ରାପ୍ତି ହେବା ପାଇଁ ଆମକୁ ଈଶ୍ୱର ଉପଲବ୍ଧି ଚେତନାକୁ ନିଜ ଭିତରେ ବୁଡ଼ାଇ ଏହାକୁ ହିଁ ଜୀବନର ଶ୍ରେଷ୍ଠ ଚେତନା ଭାବେ ଗ୍ରହଣ କରି ସଦାସର୍ବଦା ବିଭୁ ନାମ ସ୍ମରଣରେ ନିମୋଜିତ ରହିଲେ ଭ୍ରାନ୍ତ ଚେତନା ଆମଠାରୁ ନିଶ୍ଚିତ ଦୂରେଇ ଯିବ ଓ ଆମେମାନେ ଦିବ୍ୟ ଶାନ୍ତିର ପଥିକ ହୋଇପାରିବା ।

***ପୂର୍ବତନ ଡିଏଫ୍ଓ , ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୬୭୧୨***

# ଶିଶୁ ସାହିତ୍ୟିକ ଶୁଭେନ୍ଦୁ ଶ୍ରୀଚନ୍ଦନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳୀ


ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ଶିଶୁ ସାହିତ୍ୟର ପ୍ରବୀଣ ସ୍ରଷ୍ଟା ଡକ୍ଟର ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସିଂ ଆଉ ନାହାନ୍ତି । ଓଡ଼ିଆ ଶିଶୁ ସାହିତ୍ୟକୁ ସାମ୍ପ୍ରତିକ ଘଟଣାବଳୀକୁ ନେଇ ସେ ଯେଉଁପରି ଶିଶୁ ସାହିତ୍ୟ ସୃଷ୍ଟି କରିଥିଲେ ତାହା କ୍ୱଚିତ ଲେଖନୀରେ ଦେଖିବାକୁ ମିଳିଥାଏ । ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ହଣ୍ଡପା ପାପସରା ଗାଁରେ ୧୯୩୩ ମସିହା ଅଗଷ୍ଟ ୬ରେ ଜନ୍ମିତ ଡ.ଶୁଭେନ୍ଦୁ ଶ୍ରୀଚନ୍ଦନ ଛାତ୍ର ଜୀବନରୁ କବି ଓ ମେଧାବୀ ଛାତ୍ର ଭାବେ ସୁନାମ ଅର୍ଜନ କରିଥିଲେ । ମାତ୍ର ୬ ବର୍ଷ ବୟସରୁ ସେ ଲେଖନୀ ଚାଳନା ଆରମ୍ଭ କରିଥିଲେ । ୧୨ ବର୍ଷ ବୟସରେ ତାଙ୍କ ପ୍ରଥମ ଲେଖା ପ୍ରକାଶ ପାଇ ଇତି ମଧ୍ୟରେ ୧୧୭ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି । ପୁସ୍ତକ 'ଟିକି ପରି' ପାଇଁ ୨୦୧୩ରେ ଶିଶୁ ସାହିତ୍ୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ୨୦୧୭ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଶିଶୁ ସାହିତ୍ୟ ପୁରସ୍କାର ଲାଭ କରିଥିଲେ । ତାଙ୍କୁ ୧୯୯୫ରେ ଗୌରୀ ଶଙ୍କର ସମ୍ମାନ, ଚଇତି ଚଢ଼େଇ ସମ୍ମାନ, ଶିଶୁ ବଜାର ସମ୍ମାନ, ଓଡ଼ିଶା ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ପକ୍ଷରୁ ଶିଶୁ ସାହିତ୍ୟ ରତ୍ନ, ଉତ୍କଳ ସାହିତ୍ୟ ସମ୍ମାନ, ଝୁମୁକା ଓ ବିଭିନ୍ନ ସମ୍ମାନ ଲାଭ କରିଛନ୍ତି । ବିଭିନ୍ନ ପତ୍ର ପତ୍ରିକାର ସମ୍ପାଦନା ଦାୟିତ୍ୱରେ ମଧ୍ୟ ଥିଲେ । ୧୯୩୯ରେ ତାଙ୍କ 'ସ୍ମରଣ ଦେଖଭାଇ' ପ୍ରଥମ କବିତା, ୧୯୪୬ରେ 'ଡୋଳ ଦୁନିଆଁ' କବିତା, ୧୯୫୨ରେ 'ବେଙ୍ଗ ରଜା ବେଗେ ବାଇଦ ବଜା' ଓ 'ସୌଦାଗର ସାନଝିଅ ପ୍ରଥମ ଗଳ୍ପ ବହି ପ୍ରକାଶିତ ହୋଇଥିଲା । ୧୯୬୫ରେ ପ୍ରଥମ ବହି 'ଶଙ୍ଖ କୋଇଲି' ପ୍ରକାଶ ପାଇଥିଲା । ଶତାଧିକ ପୁସ୍ତକର ସ୍ରଷ୍ଟାଙ୍କ ଏହି ପାହାଡ଼ ତଳେ, ଲାଲଟୁକୁନିର କଥା, ଆଦିକବିତା ସହ ଶଙ୍ଖ କୋଇଲି କାହାଣୀ, ପଶୁ ପକ୍ଷୀର ଫୁଲ ବଗିଚା, ଦେଶ ବିଦେଶର ପିଲାଙ୍କ କାହାଣୀ, ସବୁଜ ଘୋଡ଼ା, ଘୃତ ଦେଉଳ, ପିଲାଙ୍କ କୁବେର ପୁରୀ ଆଦି କିଶୋର ଉପନ୍ୟାସ, ସାହିତ୍ୟିକ ଦୃଷ୍ଟି ସନ୍ଥକବି ଭୀମଭୋଇଙ୍କ ସମୀକ୍ଷା ଭଳି ଆଲୋଚନା ଗ୍ରନ୍ଥ ବେଶ ପାଠକବୃତ ହୋଇଛି । ସେ ଜଣେ ଶିକ୍ଷକ ହେବା ସହ ରାଜ୍ୟ ଶିକ୍ଷା ବିଭାଗର ବିଭିନ୍ନ ଉଚ୍ଚ ପଦପଦବୀରେ ରହି କାମ କରିଥିଲେ । ୨୦୧୭ରେ କେନ୍ଦ୍ର ସାହିତ୍ୟ ଅଦାଦେମି ବାଳ ସାହିତ୍ୟ ପୁରସ୍କାର ଲାଭ କରିଥିଲେ । ତାଙ୍କ ରଚିତ ବେଙ୍ଗରାଜା, ବେପଗେ ବାଇଦ ବଜା, ଏହି ପାହାଡ଼ ତଳେ, ଟିକିପରି, ଲାଲ ଟିକୁନିର କଥା, ଶଙ୍ଖ କୋଇଲି, କାହାଣୀ ପଶୁପକ୍ଷୀର, ଫୁଲବଗିଚା, ଦେଶ ବିଦେଶର ପିଲାଙ୍କ କାହାଣୀ, ସବୁଜ ଘୋଡ଼ା, ଘୃତ ଦେଉଳ, କୁବେର ପୁରୀ, ମୋ ମାତୃଭାଷା, ଭୀମଭୋଇ ସାହିତ୍ୟ ସୀମକ୍ଷା, ମାନବ ବାଦ ଓ ଦଳିତ ସାହିତ୍ୟ, ମହାଭାରତ କଥା ଓ କାହାଣୀ ଇତ୍ୟାଦି ତାଙ୍କ ସାହିତ୍ୟ ସୃଷ୍ଟିର ଗୋଟିଏ ଗୋଟିଏ କାଳଜୟୀ ସୃଷ୍ଟି । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଯଦୁମଣି ପାଟଣାସ୍ଥିତ ବାସ ଭବନରେ ଦୀର୍ଘ ସମୟର ରହଣିକାଳରେ ସେ ବିଭିନ୍ନ ସାହିତ୍ୟ ସାମାଜିକ ସଂଗଠନ ସହିତ ଯୋଡ଼ି ହୋଇଥିଲେ । ଷଷ୍ଠ ଶ୍ରେଣୀ ପାଠ୍ୟପୁସ୍ତକରେ ରହିଥିବା ତାଙ୍କ ରଚିତ ବିଶ୍ୱବିଜୟୀ ବିବେକାନନ୍ଦ ବିଷୟଟି ସମଗ୍ର ଛାତ୍ର ସମାଜ ପାଇଁ ସ୍ମରଣୀୟ ହୋଇ ରହିବ । ଜୀବନକାଳ ଭିତରେ ସେ ଅନେକ ସେବା ସଂଗଠନ ସହ ନିଜକୁ ଜଡ଼ିତ ରଖିଥିଲେ । ସେ ତାଙ୍କ ଶେଷ ଇଛା ମୁତାବକ ଅନୁସାରେ ତାଙ୍କ ମର ଶରୀର ନାଗପୁର ହସ୍ପିଟାଲକୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଓ ଗବେଷଣାଲବ୍ଧ କାର୍ଯ୍ୟ ପାଇଁ ଦାନ କରାଯାଇଛି । ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମରେ ସେ ନିଜକୁ ଜଡ଼ିତ ରଖିଥିଲେ । ଏହି ଲେଖିକା ତାଙ୍କ ସଂସ୍ପର୍ଶରେ ଆସିବା ସହ ତାଙ୍କ ଠାରୁ ଉଲ୍ଲେଖନୀୟ ପରାମର୍ଶ ମଧ୍ୟ ପାଉଥିଲେ । ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ।

***ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦***

# ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ


ବାଦଲ ଭୂୟାଁ



ଓଡ଼ିଶାର ନବ ନିଯୁକ୍ତ ରାଜ୍ୟପାଳ ଭାବେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନପ୍ରିୟ ରାଜନେତା ଭାବେ ପରିଗଣିତ ରଘୁବର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ନୂଆ ନିଯୁକ୍ତିରେ ଦାୟିତ୍ୱ ନେବା ପୂର୍ବରୁ ଯେଉଁ ଉଲ୍ଲେଖନୀୟ ଧାଡିଟି ତାହା କୋଟି କୋଟି ଓଡ଼ିଆଙ୍କ ଭିତରେ ଗଭୀର ବିଶ୍ୱାସ ଓ ଖୁସିର ଲହର ସୃଷ୍ଟି କରିଥିଲା । ମହାମହିମ ରଘୁବର ଦାସ କହିଥିଲେ ଯେ 'ଓଡ଼ିଶାର ରାଜଭବନ କୋଟି କୋଟି ଅବହେଳିତ ଓ ଗରିବ ଓଡ଼ିଆଙ୍କ ପାଇଁ ସବୁବେଳେ ଖୋଲା ରହିବ' । ଏଥିରୁ ତାଙ୍କ ଓଡ଼ିଶାବାସୀଙ୍କ ପ୍ରତି ଭଲ ପାଇବା ଓ ସେବା ମନୋଭାବ ଉଲ୍ଲେଖନୀୟ । ଝାଡ଼ଖଣ୍ଡରେ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ସାଧାରଣ ଲୋକଟିଏ ମଧ୍ୟ ତାଙ୍କୁ ସାକ୍ଷାତ କରି ତା ଅଭାବ ଅସୁବିଧା ଜଣାଇବାକୁ ସକ୍ଷମ ହୋଇପାରୁଥିଲା ଏବଂ ତାଙ୍କ ସମୟରେ ଝାଡ଼ଖଣ୍ଡର ସାମଗ୍ରୀକ ବିକାଶ ହେବା ସହ ସେ ବିଜେପିର ଜଣେ ଅନୁଭବୀ ଓ ଟାଣୁଆ ନେତା ଥିବାରୁ ଦଳ ସେଠାରେ ଶାସନକୁ ଆସିଥିଲା । ଝାଡ଼ଖଣ୍ଡରେ ଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ସେ ଅତ୍ୟନ୍ତ ଭଲପାଉଥିଲେ ଓ ତାଙ୍କ ସହ ସମ୍ପର୍କ ଅନାବିଳ ରହିଥିଲା ଯାହା ଏଯାବତ ବି ଅତୁଟ ରହିଛି । ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ଜନ୍ମ ୩ ମେ, ୧୯୫୫ରେ ଛତିଶଗଡ଼ରେ ହୋଇଥିଲା । ୧୯୭୭ରେ ସେ ଜନତା ପାର୍ଟିରେ ସଦସ୍ୟ ହୋଇଥିଲେ ଏବଂ ୧୯୮୦ରେ ସକ୍ରିୟ ରାଜନୀତିକୁ ଆସି ବିଜେପିରେ ସାମିଲ ହୋଇଥିଲେ । ୧୯୯୫ରେ ସେ ପ୍ରଥମ ଥର ପାଇଁ ଜାମସେଦପୁର ପୂର୍ବ ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ । ଏହାପରେ ପାଞ୍ଚଥର ଲଗାତାର ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ । ୨୦୦୯ରେ ସେ ଝାଡ଼ଖଣ୍ଡର ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରାଜ୍ୟର ଷଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହା ପୂର୍ବରୁ ସେ ଝାଡ଼ଖଣ୍ଡ ବିଜେପିର ଦୁଇ ଥର ରାଜ୍ୟ ସଭାପତି ନିଯୁକ୍ତ ହୋଇଥିଲେ । ସଂପ୍ରତି ବିଜେପିର ଜାତୀୟ ଉପସଭାପତି ପଦରେ ରହିଥିବା ରଘୁବର ଦାସ ଏବେ ରାଜ୍ୟପାଳ ଭାବେ ତାଙ୍କର ନୂଆ ଇନିଂସ ଆରମ୍ଭ କରିଛନ୍ତି । ରଘୁବରଙ୍କ ଆଦ୍ୟ ଜୀବନ ଅଭାବ ଅନଟନ ଭିତରେ କଟିଥିଲା ଏବଂ ସେ ଜାମସେଦପୁର ଟାଟା ଷ୍ଟିଲ ରୋଲିଂ ମିଲରେ କାର୍ଯ୍ୟ କରିଥିଲେ । ତାଙ୍କର ପ୍ରାଥମିକ ଶିକ୍ଷା ଭାଲୁବାସା ହରିଜନ ବିଦ୍ୟାଳୟରେ ହୋଇଥିଲା ଏବଂ ଜାମସେଦପୁର ସମବାୟ କଲେଜରୁ ସେ ବିଏସସି ଏବଂ ଲ'ଡିଗ୍ରୀ ହାସଲ କରିଥିଲେ । ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ପୂର୍ବରୁ ଏହି ଲେଖକ ଓ ଉତ୍କଳ ଆସୋସିଏସନର କର୍ମକର୍ତ୍ତାମାନେ ତାଙ୍କୁ ସାକ୍ଷାତ କରିଥିଲେ । ସେଠାରେ ସେ ଉତ୍ସସିତ ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କରି ଖୁସି ହେବାସହ ସମସ୍ତଙ୍କୁ ମନେ ପକାଇଥିଲେ । ବିଧିବଦ୍ଧ ଭାବେ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଉପସଭାପତି ପ୍ରଫେସର ସଞ୍ଜୟ ପାତ୍ର, ଉପସଭାପତି ତଥା ସିଂହଭୂମ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ସହ ସମ୍ପାଦକ ବିଭୂତି ଭୂଷଣ ମହାନ୍ତି ଓ କୋଷାଧକ୍ଷ ମନୀଷ ଦାଶ ପ୍ରମୁଖ ଅଭିନନ୍ଦନ ଜଣାଇଥିଲେ । ବିଭିନ୍ନ ସମୟରେ ଉତ୍କଳ ଆସୋସିଏସନକୁ ସାହାଯ୍ୟ କରିଥିବା କଥାକୁ ସଦସ୍ୟମାନେ ମନେ ପକାଇ ଆଲୋଚନା କରିଥିଲେ । ରଘୁବର ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ମାତ୍ର ୧ ଟଙ୍କା ମୂଲ୍ୟରେ ୨.୫୦ ଏକର ଜମି ଯୋଗାଇ ଦିଆଯାଇଥିବାରୁ ସଦସ୍ୟମାନେ ତାଙ୍କୁ ତାଙ୍କର ସାହାଯ୍ୟକୁ ଭୁରି ଭୁରି ପ୍ରଶଂସା କରିଥିଲେ । ସେ ଯେବେ ଓଡ଼ିଶା ରାଜ୍ୟପାଳ ଭାବରେ କାର୍ଯ୍ୟଭାର ଗ୍ରହଣ କରିବେ ଉତ୍କଳ ଆସୋସିଏସନର ସମସ୍ତ ପଦାଧିକାରୀ ମାନଙ୍କୁ ସେଠାକୁ ଆସିବାକୁ ନିମନ୍ତ୍ରଣ କରିଥିଲେ । ସୂଚନାଥାଉକି ଝାରଖଣ୍ଡର ପ୍ରବାସୀଙ୍କ ମୁଖପତ୍ର ଭାବେ ପରିଚିତ 'ସିଂହଭୂମ' ପତ୍ରିକା ତରଫରୁ ବାର୍ଷିକ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ଝାରଖଣ୍ଡ ଥିବାବେଳେ, ଟୁଇଲାଡୁଙ୍ଗୁରୀ ଠାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ଡାକ୍ତର ଦିନେଶ ଷଡ଼ଙ୍ଗୀ ଯିଏ କି ସ୍ୱାସ୍ଥ୍ୟମନ୍ତ୍ରୀ ଅତିଥି, ବିଧୁଭୂଷଣ ଭୂୟାଁ, ପ୍ରାଧାପକ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଖୁସିର କଥା ମହାମହିମ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଉତ୍କଳ ଆସୋସିଏସନର କର୍ମକର୍ତ୍ତାମାନେ ତାଙ୍କୁ ଆଉଥରେ ସାକ୍ଷାତ କରିବାର ସୁଯୋଗ ପାଇଥିଲେ । ଅତ୍ୟନ୍ତ ଆନନ୍ଦ ପ୍ରକଟ କରି ଆସୋସିଏସନର କାର୍ଯ୍ୟକ୍ରମ ବିଶେଷକରି ସେବା କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିବା ସହ ପ୍ରବାସୀ ଓଡ଼ିଆଙ୍କ ଏହି ମିଳନ ମଞ୍ଚ ଆହୁରି ସେବା କାର୍ଯ୍ୟକ୍ରମ ସହ ନିଜକୁ ନିୟୋଜିତ କରୁ ବୋଲି ଆଶାବ୍ୟକ୍ତ କରିବା ସହ ତାଙ୍କ ଆଶୀର୍ବାଦ ଓ ସହଯୋଗ ସଦାସର୍ବଦା ତାଙ୍କ ସହିତ ରହିଛି ଓ ରହିଥିବ ବୋଲି ମତବ୍ୟକ୍ତ କରିଥିଲେ । ରଘୁବର ଦାସ ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ପରେ ସାଧାରଣ ମେହନତୀ ମଣିଷ ଠାରୁ ସମସ୍ତଙ୍କ ଭିତରେ ଏକ ଆଶା ଓ ସମ୍ଭାବନାର ଜୁଆର ସୃଷ୍ଟି ହୋଇଛି ନ୍ୟାୟ ପାଇଁ ଏବଂ ନିଜ ଅଭାବ ଅସୁବିଧା ବଖାଣିବା ପାଇଁ ଜଣେ ସାଧାରଣ ଲୋକଟି ଯଦି ଓଡ଼ିଶାର ପ୍ରଥମ ନାଗରିକଙ୍କ ପାଖରେ ଗୁହାରି ଜଣାଇ ପାରିବାକୁ ସକ୍ଷମ ହୋଇପାରୁଛି ଏହାଠାରୁ ବଡ଼ ଖୁସି ଆଉ କ'ଣ ଥାଇପାରେ ? କୋଟି କୋଟି ଓଡ଼ିଶାବାସୀଙ୍କ ବିଶ୍ୱାସ, ଆଶା ଭରସାର ପ୍ରତୀକ ପାଲଟିବେ ନିଶ୍ଚୟ ମହାମହିମ ରାଜ୍ୟପାଳ ରଘୁବର ଦାସ । ତାଙ୍କର ନୂତନ ଦାୟିତ୍ୱ ପାଇଁ ଅନେକ ଅନେକ ଅଭିନନ୍ଦନ ଓ ଜଣେ ଓଡ଼ିଆ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ କର୍ମମୟ ଜୀବନକୁ ଆହୁରି ଆଗେଇ ନେବା ପାଇଁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହି କାମନା କରୁଛି ।

***ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫***




# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦଯାପିତ

କାକଟପୁର,(ପି.ଏନ): ,ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପୁରୀଜିଲ୍ଲା ନଇଗୁଆଁ ଠାରେ ଚ଼ାଲିଥିବା ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି କ୍ଷ ଏହି ନାଟକ ପ୍ରତିଯୋଗିତାରେ ରାଜ୍ୟର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଯୋଗଦେଇଥିଲେ କ୍ଷ ବିଚ଼ାରକ ମାନେ କାକଟପୁର ବ୍ଲକ ପଥରପକା ଗ୍ରାମର ମା ବାଟ ମଙ୍ଗଳା ନାଟ୍ୟ ସଂସଦ ଦ୍ୱାରା ପରିବେଶିତ ସନ୍ତୋଷ କୁମାର ସ୍ୱାଇଁ (ଟୁଟୁ) ଙ୍କ ପ୍ରଯୋଜିତ କାବୁଲା ବିଶ୍ୱାଳ ଏବଂ ଅଜିତ ନାୟକଙ୍କ ପରିଚ଼ାଳିତ ଧ୍ରୁବଚ଼ରଣ ଖୁଣ୍ଟିଆ ଙ୍କ ନିର୍ଦ୍ଦେଶନା ର ନାଟକ ଆଖି ଅବୁଝାକୁ ଲୁହ ଅବୁଝା ନାଟକ କୁ ଶ୍ରେଷ୍ଠ ନାଟକ ଭାବେ ବିବେଚ଼ନା



କରି ପୁରସ୍କୃତ କରିଥିଲେ କ୍ଷ ଗ୍ରାମର ଅଗ୍ରଣୀ କଳାକାର ରମାକାନ୍ତ ନାୟକ,ସୁଦର୍ଶନ ନାୟକ, ଟୁଲୁ ନାୟକ, ଦୁଷ୍ମନ୍ତ ସ୍ୱାଇଁ, ଦିପୁନା ନାୟକ ଓ ସଞ୍ଜୟ ମଲ୍ଲିକ ଙ୍କ ଦ୍ୱାରା ପରିବେଶିତ ଉକ୍ତ ନାଟକ ଟି ବେଶ ଉଚ୍ଚ଼ କୋଟିର ହୋଇଥିଲା କ୍ଷ ସେହିପରି ମା ଲକ୍ଷ୍ମୀ ନାଟ୍ୟ ସଂସଦ ଅସ୍ତରଙ୍ଗ ଉପ ବିଜେତା ଭାବେ ପୁରସ୍କୃତ ହୋଇଛି କ୍ଷ ବିଜେତା ଦଳକୁ ନଗଦ ୩୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି କ୍ଷ ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ଯାତ୍ରାଜଗତର ଲୋକପ୍ରିୟ ଅଭିନେତା ଗୌର ଦାଶ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କଂଗ୍ରେସ ଯୁବନେତା ବିଶ୍ୱଭୂଷଣ ଦାସ, ନାଇଗୁଆଁ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ଖୁଣ୍ଟିଆ ଯୋଗଦେଇଥିଲେ କ୍ଷ ବିଜୟୀ ନାଟ୍ୟ ସଂସଦର ମୁଖ୍ୟ ପରିଚ଼ାଳକ ଭାବେ ନିଶିକାନ୍ତ ସ୍ୱାଇଁ, ରାକେଶ ନାୟକ ଓ ବାଉରୀବନ୍ଧୁ ପରିଡା ଦାୟିତ୍ୱ ତୁଲାଇଥିଲେ ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ

ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଂ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷତ୍ମ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ । ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କାରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହାରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷତ୍ମ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷତ୍ମ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷତ୍ମ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।




# ପୂର୍ବତଟ ରେଳପଥ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳନ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥ ପକ୍ଷରୁ ଆଜି ଏହାର ମୁଖ୍ୟାଳୟ ଭୁବନେଶ୍ୱର ସ୍ଥିତ ରେଳସଦନ ଠାରେ ଭାରତ ରତ୍ନ ବାବା ସାହେବ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କର ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଅଛି । ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମାଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ବାବା ସାହେବ ଡ଼. ବି.ଆର.ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ଶ୍ରୀ ସିଦ୍ଧାର୍ଥ କାଟି ଏବଂ ମୁଖ୍ୟ କାର୍ମିକ ଅଧିକାରୀ (ପ୍ରଶାସନ) ଶ୍ରୀ ସୂର୍ଯ୍ୟ ପ୍ରକାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଫ ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ଠାରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀ ମାନେ ମହାପରିନିର୍ବାଣ ଦିବସ ପାଳନ କରିବା ଅବସରରେ ବାବା ସାହେବଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ପିସିସି ପକ୍ଷରୁ ଡ. ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର ,(ପି.ଏନ):ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି.ଆର. ଆମ୍ବେଦକରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଏଜି ଛକ ସ୍ଥିତ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ଠାରେ ପିସିସି ପକ୍ଷରୁ ନେତୃବୃନ୍ଦ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସସ୍ମିତା ବେହେରା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ବାଙ୍କନିଧି ବେହେରା, ଜିଆଉଲ ହକ, ତରୁଣ ମିଶ୍ର, ପ୍ରକାଶ ମିଶ୍ର, ମାନସ ମଲ୍ଲିକ, ପ୍ରଭାତ ପ୍ରତାପ ସିଂ, ରାଜ କିଶୋର ବାରିକ, ନରୋତମ ନାୟକ, ହଳଧର ସେଠୀ, ସିଦ୍ଧାର୍ଥ ରାଉତରାୟ, ନିରନ ନାୟକ, ତାପସ ସେଠୀ, ମନୋରନ ରାଉତରାୟ, ଆଲୋକ ଲେଙ୍କା, ସଂଜୟ ମିଶ୍ର, ଜ୍ୟୋତିଷ ସାହୁ, ଦେବେନ୍ଦ୍ର ପ୍ରସାଦ ଦାସ, ଜୟକୃଷ୍ଣ ସୁବୁଦ୍ଧି, ସଂକୁନା କହଁର, ଜାନକୀ ମଲ୍ଲିକ, ନଳିନୀ ବେହେରା, ସେକ ମସୁଦ ଅଲ୍ଲୀ, ଆଲୋକ ମହାର୍ନି, ସୁଧାଂଶୁ ମହାର୍ନି, ଅନିମା ମି, ଖଗେଶ୍ୱର ମଲ୍ଲିକ, ପବିତ୍ର ଭୋଇ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଆମ୍ବେଦକରଙ୍କ ୬୭ତମ ମହାପରିନିର୍ବାଣ ଦିବସ ପାଳିତ

ଜେନାପୁର, (ପି.ଏନ୍) ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ସମତା ଫାଉଣ୍ଡେସନ୍ ଯାଜପୁର ତରଫରୁ ସମ୍ବିଧାନ ପ୍ରଣେତା ବୋଧିସତ୍ୱ ଡାକ୍ତର ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ୬୭ତମ ମହାପରି ନିର୍ବାଣ ଦିବସ ବାଲିସାହି ଠାରେ ପାଳିତ ହୋଇ ଯାଇଅଛି । ଉକ୍ତ ସଭାରେ ସମତା ଫାଉଣ୍ଡେସନର ସଭାପତି ଧୀମାନ ଆର୍ତ୍ତତ୍ରାଣ ମଲିକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଧୀମାନ ରସାନନ୍ଦ ମଲିକ ଓ ମୁଖ୍ୟ ବକ୍ତା ଓ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ବାବା ସାହେବଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସଭାରେ ବହୁ ବୁଦ୍ଧିଜୀବୀ ସମାଜସେବୀ ଓ ଛାତ୍ର ଛାତ୍ରୀଙ୍କ ସମେତ ଅନେକ ବୁଦ୍ଧ ଓ ଆମ୍ବେଦକର ବାଦୀ ସଂଗଠନର ପଦାଧିକାରୀ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ ।

# ଜାଗା ଆଖଡାର ବିକାଶ ପାଇଁ ଭୂମି ପୂଜା

ପୁରୀ,(ପି.ଏନ): ପୁରୀ ସହରରେ ଥିବା ୩୫ ଗୋଟି ଜାଗା ଆଖଡା ର ବିକାଶ କରାଯିବା ପାଇଁ ବହୁମୁଖୀ ବ୍ୟାୟାମଶାଳା ଓ ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି ।ସେଥିପାଇଁ ଆଜି ପୂର୍ବାହ୍ନରେ ବଡଶଙ୍ଖ ସ୍ଥିତ ମକରଧ୍ୱଜ ଜାଗା ରେ ଭୂମି ପୂଜା କାର୍ଯ୍ୟ ର ଶୁଭାରମ୍ଭ ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ।ଜାଗା ଆଖଡା ସଂସ୍କୃତି ବହୁ ପ୍ରାଚୀନ ।ଏହା କେବଳ ନିଜକୁ ସୁସ୍ଥ ରଖିବାକୁ ନୁହେଁ ବରଂ ଜଗନ୍ନାଥ ମନ୍ଦିର ଓ ସଂସ୍କୃତିର ରକ୍ଷା ପାଇଁ କାର୍ଯ୍ୟ କରି ଆସୁଛି ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇ ଏହାର ବିକାଶ ରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା କ୍ରୀଡା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ରବି ଶଙ୍କର ପ୍ରତିହାରୀ,ଉପ ସଭାପତି ରାମଦାସ ମହାପାତ୍ର, ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର,ବାଲି ସାହି ଆଖଡା



ର ସମ୍ପାଦକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।ଏହାପରେ ଆଜି ବଳଗଣ୍ଡି ସ୍ଥିତ ମାଜଣା ଜାଗା, ହିଞ୍ଜୋଳା ଜାଗା,ପଞ୍ଚାୟତ ଜାଗା, ଗୁରୁଜଙ୍ଗ ଜାଗା, ସୂର୍ଯ୍ୟ ମୁଖୀ ମହାବୀର ଯୁବକ ସଂଘ ଦୂରେଇ ଜାଗା,ବାଲିସାହି ଖୁଣ୍ଟିଆ ଜାଗା,ଲୁହା ଗଡ ଜାଗା,ବାସେଳୀ ସାହି ଦୀକ୍ଷିତ ବଡ ପୋଖରୀ ଜାଗା, ଚିତ୍ରକର ସାହି ମାଳିଗଡ ଜାଗା, ଚୁଡଙ୍ଗ ସାହି ବଡୁ ମହାପାତ୍ର ଜାଗା ଓ ଦୋଳମଣ୍ଡପ ସାହି ଚମ୍ପାଗଡ ଜାଗା ର ଭୂମି ପୂଜା କରାଯାଇଥିଲା ।

# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## କ୍ରାଇମବ୍ରାଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ,ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭି[illegible]କରି ସଦର ଥାନା ପୋଲିସ ୨୩୭/୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସ୍ତୃତି ଦେଇଛନ୍ତିମ ।


# 2023-2024



# ADMISSION OPEN

## Maharishi Public School, Baripada

## STD-NURSERY TO VIII

ENROLL YOUR CHILD TODAY

**Special discount for new admission before 15.03.2023**

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ



# ଦଇପୁର ଠାରେ ୨୪ତମ କ୍ରୀଡା ମହୋତ୍ସବ ଅନୁଷ୍ଠିତ



ଜେନାପୁର,(ପି.ଏନ୍) ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନସ୍ଥ ଦଇପୁର ଠାରେ ପ୍ରତି ବର୍ଷ ପରି ଏବର୍ଷ ମଧ ଶ୍ରୀଚୈତନ୍ୟ କ୍ରିକେଟ୍ ଟିମ୍ ତରଫରୁ ୨୪ତମ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ଉତ୍ସବ ଦୀର୍ଘ ୧୨ ଦିନ ଧରି ମହା ଆଡମ୍ବର ସହ ଚାଲିଥିଲା । ଏଥିରେ ଆଖପାଖ ଅଞ୍ଚଳର ୧୬ଟି ସୁନାମ ଧର୍ମୀ କ୍ରିକେଟ୍ ପ୍ରତିଯୋଗିମାନଙ୍କୁ ନେଇ ମ୍ୟାଚ୍ ହୋଇଯାଇଛି । ସେଥିମଧ୍ୟରୁ ଶ୍ରେଷ୍ଠ ୨ଟି ଦଳ ଲକ୍ଷ୍ମଣ ଇଲେଭେନ୍ ଢେଙ୍କାନାଳ ଓ ଧର୍ମଶାଳା ଅଞ୍ଚଳର କାଏମା ଦଳ ମଧ୍ୟରେ ମେଗା ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ଫାଇନାଲ୍ ମ୍ୟାଚ୍ ୨୦ ଓଭର ବିଶିଷ୍ଟ ଥିଲା । ଏଥିରେ କାଏମା ଦଳ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଙ୍ଗ୍ କରିବା ପାଇଁ ନିର୍ଣ୍ଣୟ ନେଇଥିଲେ । ପ୍ରଥମ ଇନିଙ୍ଗସ୍ ବ୍ୟାଟିଙ୍ଗ୍ କରି ୧୭୧ ରନ୍ କରିଥିବା ବେଳେ ବିଜୟ ଲକ୍ଷ୍ୟ ଧାରାରେ ଲକ୍ଷ୍ମଣ ଇଲେଭେନ୍ ୭୦ ରନ୍ ରେ ଅଲ୍ ଆଉଟ୍ ହୋଇଯାଇଥିଲା । ଜବରଦସ୍ତ ଫାଇନାଲ୍ ମ୍ୟାଚ୍ ସାଙ୍ଗକୁ ଗ୍ୟାଲେରୀରେ ଖଚାଖଚ୍ ଦର୍ଶକମାନଙ୍କର ଭିଡ ଜମିଥିଲା । ତା ସାଙ୍ଗକୁ ଡିଜେ ଗୀତ ସହିତ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଚିୟରସ୍ ଗାର୍ଲସ୍ ନୃତ୍ୟ ତାଳରେ ମ୍ୟାଚ୍ ର ମଜା ଉଠାଉଥିଲେ । ପାଖାପାଖି ୫୦୦୦ ହଜାରୁ ଉର୍ଦ୍ଧ୍ୱ ଗ୍ୟାଲେରୀ ଚତୁପାର୍ଶ୍ୱରେ ମେଳି ହୋଇ ମ୍ୟାଚ୍ ର ଆନନ୍ଦ ନେଉଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ପ୍ରିୟ ଯୁବ ସମାଜସେବୀ ଶ୍ରୀଯୁକ୍ତ ହିମାଂଶୁ ଶେଖର ସାହୁ(ଲିକୁ ଭାଇ) ଉପସ୍ଥିତ ରହି ମ୍ୟାଚ୍ ର ଆନନ୍ଦ ନେବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସେ କହିଥିଲେ କଠିନ ପରିଶ୍ରମ ଦ୍ୱାରା ଅସମ୍ଭବ କାର୍ଯ୍ୟ ସଫଳ ହୋଇ ପାରିବ । ଯାହା ଆଜି କାଏମା ଟିମ୍ ସ୍ଥାନୀୟ ଅଞ୍ଚଳରେ ବିଜୟର ଧ୍ୱଜା ଉଡାଇଛି । ଏପରି ମ୍ୟାଚ୍ ଅନୁଷ୍ଠିତ କରିଥିବା ଯୁବପିଢି ତଥା ଶ୍ରୀଚେତନ୍ୟ କ୍ରିକେଟ୍ ଟିମ୍ ର ସଦସ୍ୟମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

## ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ପୁରୀ ,(ପି.ଏନ): ଶହୀଦ ଜୟୀ ରାଜଗୁରୁ ଙ୍କ ବିରତ୍ୱ,ସାହସ,ତ୍ୟାଗ ଓ ଦେଶପ୍ରେମ ଯୁଗ ଯୁଗ ପାଇଁ ମାନବ ସମାଜକୁ ପ୍ରେରଣା ଦେଇ ଚାଲିଥିବ ବୋଲି କହିଛନ୍ତି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ।ଆଜି ପୂର୍ବାହ୍ନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓ ଶ୍ରୀ ଗୋପିନାଥ ଦେବସ୍ଥାନ ସମିତି ପକ୍ଷରୁ ବୀର ହରେକୃଷ୍ଣପୁର ଗ୍ରାମ ଠାରେ ଶହୀଦ ଜୟୀ ରାଜଗୁରୁ ଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଜୟୀ ରାଜଗୁରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଭାବେ ଯେଉଁ ତ୍ୟାଗ ଓ ବଳିଦାନ ଦେଇଛନ୍ତି ତାହା ଅନନ୍ୟ ଓ ଅବିସ୍ମରଣୀୟ ।ତାଙ୍କ କାର୍ଯ୍ୟଧାରା ଓ ଆଦର୍ଶ କୁ ଅଧିକ ପ୍ରଚାର,ପ୍ରସାର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ଆହ୍ୱାନ ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଆଜିର ଦିବସ ରେ ଶହୀଦ ହୋଇଥିବା ଜୟୀ ରାଜଗୁରୁ ଙ୍କ ଦେଶପ୍ରୀତି ଅତୁଳନୀୟ ବୋଲି କହିବା ସହ ବର୍ତ୍ତମାନ ଓ ଭବିଷ୍ୟତ ର ପିଢି ତାଙ୍କ ଆଦର୍ଶ ଓ ଦେଶସେବାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ।

# ଚଣ୍ଡିଖୋଲ କୋର୍ଟ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ



ଦର୍ପଣ (ପିଏନ): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପରିପ୍ରେକ୍ଷୀରେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମମାନଙ୍କ ଅଧିକାରକୁ ସୁରକ୍ଷିତ କରିବା, ସେମାନଙ୍କ ପ୍ରତି ସହୃଦୟ ଆଚରଣ କରିବା, ସେମାନଙ୍କୁ ଆର୍ଥିକ ସାମାଜିକ ଓ ମାନସିକ ସ୍ତରରେ ଶସକ୍ତ କରିବା, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧା ସୁଯୋଗକୁ ଉପଲବ୍ଧ କରାଇବା, ସେମାନଙ୍କୁ ସମାଜରେ ସମ୍ମାନର ସହ ବଂଚିବାର ସୁଯୋଗ ଦେବା ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ସମସ୍ତେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ତାଲୁକ କେନ୍ଦ୍ର ଅଧକ୍ଷ ତଥା ସବ୍ ଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେ.ଏମ୍.ଏଫ୍.ସି ପରବିନ୍ ମଣ୍ଡଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ. ସୁରଜ କୁମାର ଦଣ୍ଡପାଠ, କୋର୍ଟ ବାର ଆସୋସିଏସନ ସଭାନେତ୍ରୀ ରେଣୁବାଳା ମହାନ୍ତି, ପୁର୍ବତନ ସଭାପତି ଦେବରାଜ ବେହେରା ରିଟେନର ପ୍ରତିମା ରାଣୀ ସାହୁ, କିଶୋର କୁମାର ନାୟକ, ଚିନ୍ମୟ କୁମାର ପ୍ରତାପ, ଶ୍ୟାମପ୍ରସାଦ ଦାଶ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମନୋରମା ସ୍ୱାଇଁ, ଫାର୍ମାସିଷ୍ଟ ଆଶ୍ରୀତା ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶେରଗଡ଼ ବ୍ଲକ ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ




ଶେରଗଡ଼ (ପିଏନ ) ଶେରଗଡ଼ ବ୍ଲକରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଗଞ୍ଜାମ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବୁଧବାର ଶେରଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାଶିଷ ବରାଳ ଙ୍କ ତତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକ ଦୀପ ପ୍ରଜ୍ୱଳନ କରି ଶିବିର କୁ ଉଦଘାଟନ କରିଥିଲେ। ଶିବିରରେ ସମୁଦାୟ ୨୪୮ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିଲେ। ସେଥିମଧ୍ୟରୁ ଶାରୀରିକ ଭିନ୍ନକ୍ଷମ ୧୨୪,ମାନସିକ ଅନଗ୍ରସର ୨୧,ଶ୍ରବଣ ବାଧିତ ୫୪,ଦୃଷ୍ଟି ଶକ୍ତି ବାଧିତ ୪୯ ଜଣ ପଞ୍ଜିକୃତ କରିଥିଲେ। ସେମାନଙ୍କୁ ବିଭିନ୍ନ ପ୍ରକାର ସହାୟତା ରେ ଉପକୃତ ହେବା ପାଇଁ ଚିହ୍ନଟ କରାଯାଇଥିଲା। ସହାୟତା ସହ ଜରୁରୀ ଉପକରଣ ପ୍ରଦାନ ନିମନ୍ତେ ୧୬୭ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଅତିଥି ମାନେ ୩୦ ଜଣ ଭିନ୍ନକ୍ଷମ ଙ୍କୁ ତିନି ଚକିଆ ସାଇକେଲ ଏବଂ ୮ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସଏସଏସଓ ଭଞ୍ଜନଗର ଏସିଓ ଶବର,ଫିଜିଓଲୋଜିଷ୍ଟ ଡକ୍ଟର ରୋଜାଲିନ ପଟ୍ଟନାୟକ, ଡକ୍ଟର ଅକ୍କି ରେଡି ନନ୍ଦିନୀ, ଡକ୍ଟର ବି.ମିଲନ କୁମାର, ଡକ୍ଟର ଅଶୋକ ମହାପାତ୍ର, ଡକ୍ଟର ସୁଶାନ୍ତ କୁମାର ବେହେରା, ଡକ୍ଟର ଅରୁନ୍ଧତୀ ପାଣିଗ୍ରାହୀ,ଏବିଡିଓ ଏସ ଏସ ତରାଇ ଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଆରଏସ ଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# 'ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ' ରେ ସମ୍ମାନୀତ ହେଲେ ସ୍ୱେଚ୍ଛାସେବୀ ନିରାକାର ବିଷୋୟୀ



ଶେରଗଡ଼ (ପି ଏନ ) ଭୁବନେଶ୍ୱର ସ୍ଥିତ ଉଣଝଉ ପ୍ରାଙ୍ଗଣରେ ୧୨ ଟି ସ୍ବେଛାସେବୀ ଅନୁଷ୍ଠାନକୁ ନେଇ 'ଆନ୍ତର୍ଜାତୀୟ ସ୍ବେଚ୍ଛାସେବୀ ଦିବସ' ପାଳନ ଅବସରରେ 'ସଲାମ ଜୀବନ' ର ସୁପାରିସ କ୍ରମେ ସମ୍ମାନିତ ନିମନ୍ତେ ଚୟନ କରାଯାଇ ସ୍ୱ ?ଚ୍ଛାସେବୀ ନିରାକାର ବିଷୋୟୀ ଙ୍କୁ ଉଣଝଉ ର ମୁଖ୍ୟ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଓ ସବୁଜ ମଣିଷ ଦିଲୀପ ଶ୍ରୀଚନ୍ଦନ ସାର୍ ଙ୍କ କରକମଳରେ ସମ୍ମାନିତ କରାଯାଇଛି। ଏହା କେବଳ ସମ୍ମାନ ନୁହେଁ ଏହା ଆଗକୁ ଆଉରି କାର୍ଯ୍ୟ କରି କର୍ମବୀର ହୋଇ ସମାଜ ମଙ୍ଗଳ କରିବା ପାଇଁ ଅଦମ୍ୟ ଇଚ୍ଛାଶକ୍ତି ଓ ପ୍ରେରଣା ଯୋଗାଇଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି ।ନିରକାର ବିଷୋୟୀ ସମାଜ ସେବାରେ ସ୍ନାତକୋତ୍ତର ଶିକ୍ଷା ଶେଷକରି ଗଞ୍ଜାମ ତଥା ଓଡିଶାର ଅନ୍ୟାନ୍ୟ ଅଞ୍ଚଳରେ ତମାଖୁ ମୁକ୍ତ ଶୈଶବ, ମିଶନ୍ ଆନ୍ସାର୍ ଟୁ କ୍ୟାନ୍ସର ଓ ଜଳବାୟୁ ପରିବର୍ତ୍ତନର ସଚେତନତା ନିମିତ୍ତ ସ୍ୱ ?ଚ୍ଛାସବୀ ରୂପେ କାର୍ଯ୍ୟକରି ଆସୁଛନ୍ତି । ସେ 'ସଲାମ ଜୀବନ' ସ୍ବେଚ୍ଛାସେବୀ ଅନୁଷ୍ଠାନ ର ଜଣେ ସକ୍ରିୟ ସଦସ୍ୟ ଏବଂ ସେ 'ଟ୍ରୀ ଫାଉଣ୍ଡେସନ୍' ପ୍ରତିଷ୍ଠା କରି ଏକ ସବୁଜ ସୁନ୍ଦର ଓ ସୁସ୍ଥ ପରିବେଶ ପାଇଁ କାର୍ଯ୍ୟ କରୁଛନ୍ତି। ଜଳବାୟୁ କାର୍ଯ୍ୟକର୍ତ୍ତା ହୋଇ ସେ ପ୍ଲାଷ୍ଟିକ୍ ମୁକ୍ତ ସମାଜ ପାଇଁ ସଚେତନତା ଡ୍ରାଇଭ୍ ସହିତ ଲୋକଙ୍କ ନିକଟରେ ପହଞ୍ଚନ୍ତି । ସେ ୟୁନିସେଫର "ୟୁଥ୍ ଫର୍ ୱାଟର ପ୍ଲସ୍" ଅଭିଯାନ ସହିତ ମଧ୍ୟ ଜଡିତ। ତାଙ୍କର ସ୍ଲୋଗାନ "ତମାଖୁ ଛାଡି ଗଛ ଲଗାଇବା" ଯୁବକମାନଙ୍କ ମଧ୍ୟରେ କମ୍ପନ ସୃଷ୍ଟି କରିଛି। ସେ ଗଞ୍ଜାମ ଜିଲ୍ଲା ଶେରଗଡ ବ୍ଲକର ଅଧିବାସୀ। ବିଭିନ୍ନ ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ତମାଖୁ ମୁକ୍ତ ପରିବେଶ ଓ ପରିବର୍ତ୍ତିତ ଜଳବାୟୁ ପାଇଁ ସେ ସଚେତନତାର ବୀଜ ବୁଣୁଛନ୍ତି। ତାଙ୍କର ଶ୍ରେୟ, ସେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ତମାଖୁ ମୁକ୍ତ କ୍ୟାମ୍ପସ ପାଇଁ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି।






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray